# ୫୦ବର୍ଷ ବିତିବା ସତ୍ତ୍ୱେ ଘୁଞ୍ଚିନି ବିସ୍ଥାପିତଙ୍କ ଦୁର୍ଦ୍ଦଶା

**ଶୁଭକାନ୍ତ ନାୟକ**
**ହାଟଡିହୀ, ୨୭।୧୨**

■ ସେମାନଙ୍କ ଲାଗି ମୌଳିକ ସୁବିଧା ଅପହଞ୍ଚ
■ ବିଜୁଳି ସାତସପନ
■ ହୁଲି ଡଙ୍ଗା ସାଜିଛି ଗମନାଗମନର ମାଧ୍ୟମ

ସାଳନ୍ଦୀ ନଦୀରେ ହଦଗଡ ଡ୍ୟାମ ନିର୍ମାଣ ବେଳେ ବିସ୍ଥାପିତ ହୋଇଥିବା ଲୋକଙ୍କ ଦୁଃଖ ଏଯାଏ ଦୂର ହୋଇନି। ଏହାମଧ୍ୟରେ ୫୦ରୁ ଅଧିକ ବର୍ଷ ବିତିଗଲାଣି। ସେମାନଙ୍କୁ ନା ମିଳିଛି କ୍ଷତିପୂରଣ ନା ଥଇଥାନ ସୁବିଧା। ବିସ୍ଥାପିତ ଲୋକେ ହାଟଡିହୀ ବ୍ଲକଠାରୁ ପ୍ରାୟ ୪୦ କି.ମି. ଦୂର ବଣପାହାଡ ଘେରା ଆଦିବାସୀ ଅଧ୍ୟୁଷିତ କେ.ବାଲିପାଳ (କଅଁଳେଇ ବାଲିପାଳ) ପଞ୍ଚାୟତ ଅଞ୍ଚଳରେ ବସତି ସ୍ଥାପନ କରି ରହୁଛନ୍ତି। ଏହି ପଞ୍ଚାୟତ ଅଧୀନ ମୟୂରନଚା ଗ୍ରାମର ୨ଟି ୱାର୍ଡରେ ୧୫୦ ପରିବାର, କେବାଲିପାଳ ଗ୍ରାମର ଗୋଟିଏ ୱାର୍ଡରେ ୯୦ ପରିବାର, ରାଇଘାଟି ଗ୍ରାମର ୩ଟି ୱାର୍ଡରେ ୨୦୦ ପରିବାର, ସରମୁଣ୍ଡି ଗ୍ରାମ ୧ଟି ୱାର୍ଡରେ ୫୦ ପରିବାର, ଭଅଁରା ଗ୍ରାମ ୧ଟି ୱାର୍ଡରେ ୯୦ ପରିବାର, ମଲ୍ଲିପଶି ଗ୍ରାମ ୧ଟି ୱାର୍ଡରେ ୧୫୦ ପରିବାର, ନୂଆବାଲିପାଳ ଗ୍ରାମ ୨ଟି ୱାର୍ଡରେ ୧୫୦ ପରିବାର ଅସହାୟ ଅବସ୍ଥାରେ ବସବାସ କରି ରହୁଛନ୍ତି।

୧୯୬୫ ମସିହାରେ ସାଳନ୍ଦୀ ନଦୀରେ ଡ୍ୟାମ ନିର୍ମାଣ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇ ୧୯୭୦ରେ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା । ସେତେବେଳେ ମୟୂରନଚା, କେବାଲିପାଳ, ସରମୁଣ୍ଡି, ମଲ୍ଲିପଶି, ଭଅଁରା ପ୍ରଭୃତି ୫ଟି ଗ୍ରାମକୁ ବୁଡି ଅଞ୍ଚଳ ଭାବେ ଘୋଷଣା କରାଯାଇଥିଲା । ଏସବୁ ଗାଁର ୫୦୦ରୁ ଊର୍ଦ୍ଧ୍ୱ ପରିବାର ବିସ୍ଥାପିତ ହୋଇଥିଲେ । ସେମାନେ ବୁଡି ଅଞ୍ଚଳ ଛାଡି ଆଖପାଖ ଜଙ୍ଗଲରେ ବସବାସ କରିବା ଆରମ୍ଭ କରିଥିଲେ। ସେବେଠାରୁ ଏସବୁ ବିସ୍ଥାପିତ ପରିବାର ମୌଳିକ ସୁବିଧାରୁ ବଞ୍ଚିତ ହୋଇ ଅସହାୟ ଅବସ୍ଥାରେ ଭଙ୍ଗା କୁଡିଆରେ ବସବାସ କରି ଆସୁଛନ୍ତି। ଗମନାଗମନ, ପାନୀୟ ଜଳ ଭଳି ସୁବିଧା ହୋଇ ନାହିଁ । ବିଦ୍ୟୁତ୍ ସାତସପନ ପାଲଟିଛି । ଶିକ୍ଷା, ସ୍ୱାସ୍ଥ୍ୟ ସେବାଠାରୁ ଦୂରରେ ଥିବା ଏହି ବିସ୍ଥାପିତ ଲୋକେ ଡଙ୍ଗାରେ ସାଳନ୍ଦୀ ନଦୀ ପାର ହୋଇ ଯାତାୟାତ କରିଥାନ୍ତି। ପୂର୍ବରୁ ମଲ୍ଲିପଶି ଗ୍ରାମର ୨ ଜଣ ବିସ୍ଥାପିତ ହୁଲି ଡଙ୍ଗାରେ ନଦୀ ପାର ହେବା ବେଳେ ବୁଡିଯାଇ ପ୍ରାଣ ହରାଇଥିଲେ । ସ୍ଥଳ ପଥରେ ଯିବାକୁ ହେଲେ ସେମାନେ ପଡୋଶୀ ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା କିମ୍ବା ବାଲେଶ୍ୱର ଜିଲାର ଔପଦା ଦେଇ ଦୀର୍ଘ ୧୦୦ ରୁ ଊର୍ଦ୍ଧ୍ୱ କି.ମି. ରାସ୍ତା ବୁଲି ବ୍ଲକ କାର୍ଯ୍ୟାଳୟକୁ ଯାଇଥାନ୍ତି। ବର୍ଷର ଅଧିକାଂଶ ସମୟରେ ଏହି ଲୋକେ ନାଳ ଓ ଝରଣା ପାଣି ବ୍ୟବହାର କରିଥାନ୍ତି। ପ୍ରଶାସନ ପକ୍ଷରୁ ଏକ କୂଅ ଉପରେ ବସା ଯାଇଥିବା ନଳକୂପ ଅଧିକାଂଶ ସମୟରେ ଅଚଳ ହୋଇରହୁଛି।


ବିସ୍ଥାପିତଙ୍କ ଭଙ୍ଗା କୁଡ଼ିଆ ଘର।

ହଦଗଡ ଡ୍ୟାମ ବିସ୍ଥାପିତ ଲୋକେ ଥଇଥାନ ସାଙ୍ଗକୁ କ୍ଷତିପୂରଣ ଓ ବିଭିନ୍ନ ମୌଳିକ ସୁବିଧା ପାଇବା ଲାଗି ଦୀର୍ଘବର୍ଷ ଧରି ଦାବି କରି ଆସିବା ପରେ ବ୍ଲକ ତରଫରୁ ରାଇଘାଟି, ମଲ୍ଲିପଶି ଓ ତଅଁଳଠାରେ ୩ଟି ଯୋଗାଣ ସାମଗ୍ରୀ କେନ୍ଦ୍ର ଖୋଲାଯାଇଛି। ପୂର୍ବରୁ ସେମାନେ ଜଳ ପଥରେ ଆସି ଯୋଗାଣ ସାମଗ୍ରୀ ନେଉଥିଲେ। ୨୦୧୨-୧୩ ରେ କେବଳ ମୟୂରନଚା ଗ୍ରାମର ୨୩ ପରିବାରକୁ ଜଙ୍ଗଲ ଜମି ପଟ୍ଟା ଓ ଇନ୍ଦିରାଆବାସ ଗୃହ ପ୍ରଦାନ କରାଯାଇଥିବା ବେଳେ ଭଅଁରା ଗ୍ରାମର ପ୍ରାୟ ୨୫ ପରିବାରକୁ ରାଇଘାଟି ଗାଁରେ ରାଜସ୍ୱ ବିଭାଗ ୪ ଡେସିମିଲ ଲେଖାଏ ଜାଗା ଦେଇଛି । ଉପଯୁକ୍ତ ଥଇଥାନ ସୁଯୋଗରୁ ବଞ୍ଚିତ ଏହି ଲୋକେ କୌଣସି କର୍ମ ନିଯୋଜନ ପନ୍ଥା ନ ପାଇ ଏବେ ମଧ୍ୟ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ଗୁଜରାଣ ମେଣ୍ଟାଉଛନ୍ତି। ଏ ସମ୍ପର୍କରେ ବ୍ଲକ କାର୍ଯ୍ୟନିର୍ବାହୀ ଅଧିକାରୀ ଜିତେନ୍ଦ୍ର ଜେନାଙ୍କୁ ପଚାରିବାରୁ କହିଛନ୍ତି, ବିସ୍ଥାପିତଙ୍କ ଥଇଥାନ ଲାଗି ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ବାଲିପାଳ, ମୟୂରା, ଭଅଁରା, ରାଇଘାଟି ଗ୍ରାମବାସୀଙ୍କ ପାଇଁ ପଞ୍ଚାୟତ ନିକଟରେ ଏକ ଯୋଗାଣ ସାମଗ୍ରୀ କେନ୍ଦ୍ର ଖୋଲାଗଲେ ସୁବିଧା ହୋଇପାରନ୍ତା ବୋଲି ସେ ମତବ୍ୟକ୍ତ କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗର୍ଭଧାରିଣୀ ଆଉ କ୍ଷୀର ଦିଆ**
**ଗୁରୁପତ୍ନୀ ଆଉ ସାବତ ମାଆ**
**ମାଈ, ବ୍ରାହ୍ମଣୀ ଧାଈ ଆଉ ଗାଈ**
**ଶାସ୍ତ୍ରେ ଏମାନଙ୍କୁ ଜନନୀ କହି ।**

ଯିଏ ସନ୍ତାନଙ୍କୁ ଗର୍ଭରେ ଧାରଣ କରିଥାଏ, କ୍ଷୀରପାନ କରାଇଥାଏ ସେ ମା' ହୋଇଥାଏ। ଗୁରୁଙ୍କ ପତ୍ନୀ, ସାବତ ମାଆ, ମାଈଁ ତଥା ଧାଈ ଏ ସମସ୍ତେ ମାତୃତୁଲ୍ୟ ହୋଇଥାନ୍ତି। ସେହିପରି ଗାଈକୁ ଗୋମାତା ଭାବେ ପୂଜା କରାଯାଇଥାଏ। ଶାସ୍ତ୍ର ମତରେ ଏମାନେ ଜନନୀ ପଦବାଚ୍ୟ ବୋଲାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଗୋଠ ସୁସାର ଥିଲେ**
**ଗାଈ ହମାଳି ପଶେ ।**

ଯେଉଁଠି ସ୍ନେହ ଆଦର ଭାବ ରହିଥାଏ ସେଇଠି ମନ ଅକ୍ଳେଶରେ ବା ଆପଣାଛାଏଁ ବାନ୍ଧି ହୋଇଯାଇଥାଏ। ଅନାବିଳ ସ୍ନେହ ଶ୍ରଦ୍ଧା ପାଶେ ମନ ବନ୍ଧା ପଡ଼ିଯାଇଥାଏ। ଆଦର ଯତ୍ନ ପାଇଲେ ଲୋକେ ସେଠାକୁ ପୁଣି ଆସିବାକୁ ମନ ବଳାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ବେନିୟମ ଚିପ୍‌ସ ବୋଝେଇ ୨ ହାଇୱା ଜବତ


ଜବତ ହାଇୱା ଟ୍ରକ ।

**ଝୁମ୍ପୁରା, ୨୭।୧୨ (ଡି.ଏନ.ଏ.)**

କେନ୍ଦୁଝର ଜିଲା ଦେଇ ଯାଇଥିବା ୨୦ନଂ. ଜାତୀୟ ରାଜପଥ ଝୁମ୍ପୁରା ଥାନା ନିକଟରେ ପୋଲିସ ଶୁକ୍ରବାର ବେନିୟମ ଭାବେ ପଥର ଚିପ୍‌ସ ବୋଝେଇ ୨ଟି ହାଇୱା ଟ୍ରକକୁ ଜବତ କରିଛି। ଝୁମ୍ପୁରା ତହସିଲ ଅଞ୍ଚଳରେ ବେନିୟମ ଭାବେ ଲଘୁ ଖଣିଜ ବାଲି, ପଥର, ମୋରମ ଚାଲାଣ ହେଉଥିବା ପୂର୍ବରୁ ଝୁମ୍ପୁରା ଥାନା ଏବଂ ଝୁମ୍ପୁରା ତହସିଲରେ ଅଭିଯୋଗ ହୋଇ ଆସୁଥିଲା। କୌଣସି ସୂତ୍ରରୁ ଖବର ପାଇ ଝୁମ୍ପୁରା ଥାନାଧିକାରୀ ବିରଞ୍ଚି ବାଗ ଚଢାଉ କରି ଚିପସ୍ ବୋଝେଇ ୨ଟି ହାଇୱା ଟ୍ରକ (ନଂ ଓଡି୦୯ଜି -୮୦୧୮, ବି ଆ । ର ୨ ୪ ଜି ଏ - ୨ ୯ ୮ ୯ )କୁ ଧରିଥିଲେ। ପଚରାଉଚରା ପରେ ଝୁମ୍ପୁରା ତହସିଲକୁ ଟ୍ରକ ଦୁଇଟି ହସ୍ତାନ୍ତର କରାଯାଇଛି। ବର୍ତ୍ତମାନ ଝୁମ୍ପୁରାରେ କେହି ତହସିଲଦାର ନ ଥିବାରୁ ତହସିଲ ସୁପରଭାଇଜର ଭୁବନାନନ୍ଦ ନାଏକ ଟ୍ରକ ୨ଟିର କାଗଜପତ୍ର ଯାଞ୍ଚ କରିଛନ୍ତି। ସେଥିରେ କାଗଜପତ୍ର ଭୁଲ ଥିବା ଜଣାପଡିବାରୁ ନିୟମ ଅନୁଯାୟୀ ଏହି ହାଇୱା ଟ୍ରକ ଦ୍ୱୟରୁ ଜରିମାନା ଆଦାୟ କରାଯିବ ବୋଲି ସୁପରଭାଇଜର ସୂଚନା ଦେଇଛନ୍ତି।

# ଅବହେଳିତ ଅବସ୍ଥାରେ ଅନେକ ଅନାଥ ଓ ଅସହାୟ ଶିଶୁ

**କେନ୍ଦୁଝର, ୨୭।୧୨(ସ୍ୱ.ପ୍ର.)**

କେନ୍ଦୁଝର ଜିଲାର ଖଣିଖାଦାନ ବହୁଳ ଯୋଡା, ବଡବିଲ ଓ ଆଦିବାସୀ ଅଧ୍ୟୁଷିତ ବାଂଶପାଳ ବ୍ଲକରେ ବହୁ ଅନାଥ ଓ ଅସହାୟ ଶିଶୁ ଅବହେଳିତ ଅବସ୍ଥାରେ ଜୀବନ ବିତାଉଛନ୍ତି। ସେମାନଙ୍କୁ ଉଦ୍ଧାର କରି ଥଇଥାନ କରିବା ଦିଗରେ ଆଖିଦୃଶିଆ ପଦକ୍ଷେପ ନିଆଯାଉ ନାହିଁ । ଅନାଥ ଓ ଅସହାୟ ଶିଶୁଙ୍କ ସୁରକ୍ଷା ଲାଗି ଜିଲାର ୬ଟି ସଂସ୍ଥା ପକ୍ଷରୁ ୮ଟି ଚାଇଲଡ କେୟାର ଇନ୍‌ଷ୍ଟିଚ୍ୟୁଶନ (ସିସିଆଇ) ରହିଛି। ଏସବୁ ସଂସ୍ଥାରେ ୬ ରୁ ୧୮ ବର୍ଷର ଅସହାୟ, ଅନାଥ ଶିଶୁ ରହୁଛନ୍ତି । ସେମାନଙ୍କ ଯତ୍ନ ନେବା ସହ ସ୍ୱାବଲମ୍ବୀ କରି ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ଏହାର ମୁଖ୍ୟ ଆଭିମୁଖ୍ୟ । କିନ୍ତୁ ଜିଲାର ଖଣିଖାଦାନ ଭରା ଅଞ୍ଚଳରେ ଏଯାଏ କେଉଁଠି ହେଲେ ଏହି ସଂସ୍ଥା ଖୋଲି ନାହିଁ । ସେହିପରି ଉପଯୁକ୍ତ ତଦାରଖ ଓ ସମୀକ୍ଷା ଅଭାବରୁ କେତେକ ସିସିଆଇ ଠିକ୍‌ଭାବେ କାର୍ଯ୍ୟ କରୁ ନ ଥିବା ଅଭିଯୋଗ ହେଉଛି।

ଶିଶୁଙ୍କ ଲାଗି ଉଦ୍ଦିଷ୍ଟ ୬ ସଂସ୍ଥା ମଧ୍ୟରୁ କେନ୍ଦୁଝର ଟାଉନରେ ୩, ହାଟଡିହ ଓ ତେଲକୋଇରେ ଗୋଟିଏ ଏବଂ ଘଷିପୁରାରେ ୨ଟି ସିସିଆଇ ସଂସ୍ଥା ରହିଛି। ପ୍ରତ୍ୟେକ ସିସିଆଇରେ ଶିଶୁଙ୍କ ଯତ୍ନ ନେଉଥିବା ୬ ଜଣ ଆୟା ରହିବା କଥା । କିନ୍ତୁ କେତେକ ସଂସ୍ଥାରେ ଆବଶ୍ୟକ ସଂଖ୍ୟକ ଆୟା ନ ଥିବାରୁ ଶିଶୁଙ୍କ ଯତ୍ନ ଠିକ୍ ଭାବେ ନିଆଯାଇପାରୁ ନାହିଁ। ଏସବୁ ସଂସ୍ଥାକୁ ଆସୁଥିବା ଅନାଥ ଶିଶୁମାନେ ପରବର୍ତ୍ତୀ ସମୟରେ ବଡ ହୋଇ କୁଆଡେ ଯାଉଛନ୍ତି ତାହାର ତଥ୍ୟ ପ୍ରଶାସନ ପାଖରୁ ମିଳୁନାହିଁ । ସିସିଆଇ ସଂସ୍ଥା ଛାଡୁଥିବା ପିଲାଙ୍କ ସମ୍ପର୍କରେ ପ୍ରଶାସନ ତଥ୍ୟ ରଖିବା ଆବଶ୍ୟକ ବୋଲି ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ କୁମରମଣି ତନ୍ତୀ କହିଛନ୍ତି । ଅସହାୟ ଶିଶୁଙ୍କୁ ନେଇ ସର୍ଭେ ଓ ଯାଞ୍ଚ କରାଗଲେ ଅନେକ ତଥ୍ୟ ପଦାକୁ ଆସିପାରନ୍ତା ବୋଲି ସାମାଜିକ କର୍ମୀ ପ୍ରଦୀପ ମହାନ୍ତି କହିଛନ୍ତି । ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ ଡ. ଭକ୍ତଚରଣ ପ୍ରଧାନଙ୍କୁ ପଚାରିବାରୁ କହିଛନ୍ତି, ଅସହାୟ ଶିଶୁଙ୍କ ଯତ୍ନ ନେବା ବ୍ୟବସ୍ଥାର ଉପଯୁକ୍ତ ତଦାରଖ କରାଯାଉଛି। କୌଣସି ସ୍ଥାନରେ ଶିଶୁ ନିର୍ଯାତନା ଅଭିଯୋଗ ଆସିଲେ ତତ୍କ୍ଷଣାତ ପଦକ୍ଷେପ ନିଆଯାଉଛି । ଏନେଇ ଜିଲା ଶିଶୁ ସୁରକ୍ଷା ଅଧିକାରିଣୀ ଦେବାଙ୍ଗନା ବାରିକଙ୍କୁ ପଚାରିବାରୁ ସେ ମଧ୍ୟ ଅନୁରୂପ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

# ପାଟଣା ରେଞ୍ଜରେ ହାତୀପଲଙ୍କ ଉପଦ୍ରବ

**ପାଟଣା,୨୭।୧୨(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ରେଞ୍ଜ ଅନ୍ତର୍ଗତ ଅଟେଇ ସଂରକ୍ଷିତ ଜଙ୍ଗଲକୁ ଘଟଗାଁ ରେଞ୍ଜରୁ ଚାଲି ଆସିଥିବା ଏକ ହାତୀପଲ ଏଠାରେ ଉପଦ୍ରବ ଚଳାଇଛନ୍ତି। ହାତୀପଲରେ ୮ଟି ହାତୀ ରହିଛନ୍ତି। ଗୁରୁବାର ବିଳମ୍ବିତ ରାତିରେ ଏହି ହାତୀପଲ ପାଟଣା ବ୍ଲକ ଡୁମୁରିଆ ପଞ୍ଚାୟତ ବଣମହୁଲଡ଼ିହା ଗ୍ରାମରେ ବହୁ ପନିପରିବା ଫସଲ ଖାଇ ନଷ୍ଟ କରିଛନ୍ତି। ଗ୍ରାମର ପରୀକ୍ଷିତ ମହାନ୍ତ, ନବକିଶୋର ମହାନ୍ତ ଓ ଦୁର୍ଗାଚରଣ ମହାନ୍ତଙ୍କ ପରିବା ବଗିଚା ସମ୍ପୂର୍ଣ୍ଣ ଉଜୁଡି ଯାଇଛି। ଏହି ହାତୀପଲ ବର୍ତ୍ତମାନ ଗାଁ ନିକଟ ଅଟେଇ ସଂରକ୍ଷିତ ଜଙ୍ଗଲରେ ରହୁଥିବାରୁ ସ୍ଥାନୀୟ ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ବନ ବିଭାଗ ହାତୀପଲ ଘଉଡାଇବା ସହ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଯୋଗାଇ ଦେବାକୁ ଡୁମୁରିଆ ସରପଞ୍ଚ ଦମୟନ୍ତୀ ନାଏକ ଦାବି କରିଛନ୍ତି।

## ଆନ୍ତଃ ରାଜ୍ୟ ଫୁଟବଲ ଟୁର୍ନାମେଣ୍ଟ

# ଫାଇନାଲରେ ଜଗା ୟୁନାଇଟେଡ୍ ଓ ଧାନବାଦ ଝାଡ଼ଖଣ୍ଡ


ଖେଳାଳିଙ୍କ ସହିତ ମ୍ୟାଚ ରେଫରୀ ଓ ଅନ୍ୟମାନେ।

**ଆନନ୍ଦପୁର,୨୭।୧୨(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ ତରତରା ଖେଳପଡିଆଠାରେ ଆୟୋଜିତ ୨୧ତମ ଆନ୍ତଃରାଜ୍ୟ ଫୁଟବଲ ଟୁର୍ନାମେଣ୍ଟରେ ଜଗା ୟୁନାଇଟେଡ୍, ଭୁବନେଶ୍ୱର ଏବଂ ଧାନବାଦ ଫୁଟବଲ ଏକାଡେମୀ ଝାଡଖଣ୍ଡ ଫାଇନାଲ୍‌କୁ ପ୍ରବେଶ କରିଛନ୍ତି। ଶୁକ୍ରବାର ଗୁରୁତ୍ୱପୂର୍ଣ୍ଣ ଦ୍ୱିତୀୟ ସେମିଫାଇନାଲ୍‌ରେ ଧାନବାଦ ଝାଡଖଣ୍ଡ ସହିତ ସୋଦେପୁର କଲିକତା ମଧ୍ୟରେ ଚିତ୍ତାକର୍ଷକ ଖେଳ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଫଳରେ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଧାନବାଦ୍ ଝାଡଖଣ୍ଡ ଦଳ ୪-୩ ଗୋଲରେ ମ୍ୟାଚ ବିଜୟୀ ହୋଇ ଫାଇନାଲକୁ ପ୍ରବେଶ କରିଥିଲା। ପ୍ରଥମ ସେମିଫାଇନାଲରେ ଜଗା ୟୁନାଇଟେଡ ଭୁବନେଶ୍ୱର ଚିତ୍ତାକର୍ଷକ ଖେଳ ପ୍ରଦର୍ଶନ କରି ଫାଇନାଲକୁ ପ୍ରବେଶ କରିଛି। ଆସନ୍ତା ରବିବାର ଫାଇନାଲ ମ୍ୟାଚ ହେବ । ଅବିନାଶ ପଟ୍ଟନାୟକ, ଦିଗ୍‌ବିଜୟ ଦାସ, ରତ୍ନାକର ବାରିକ, ଶିବ ପ୍ରସାଦ ଦାସ ପ୍ରମୁଖ ରେଫରି ଖେଳକୁ ପରିଚାଳନା କରିଥିଲେ। ଟୁର୍ନାମେଣ୍ଟର ସଭାପତି ଜିତେନ୍ଦ୍ର ସାମଲ, ସମ୍ପାଦକ ସୁବ୍ରତ ସାମଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କ୍ଲବର ସଦସ୍ୟ ସୁଶାନ୍ତ ସାମଲ, ସୁରେଶ ଧଳ, ମନ୍ଦର ଜେନା, ବସନ୍ତ ଜେନା, ଜଗା ବେହେରା, ସୁରେନ୍ଦ୍ର ନାଇକ, ବାବୁ ନାଇକ, ବିଟାଲି ବାରିକ, ସନ୍ତୋଷ ଧଳ, ଅରବିନ୍ଦ ସାମଲ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

# ବାଇକ୍- ପିକ୍‌ଅପ ଭ୍ୟାନ ଧକ୍କା: ୨ ଗୁରୁତର

**ପାଟଣା,୨୭।୧୨(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ତୁରୁମୁଙ୍ଗା ଚମ୍ପୁଆ ରାସ୍ତାର ନେଉଳିଯୋଡି ପୋଲ ଉପରେ ଶୁକ୍ରବାର ଅପରାହ୍ନରେ ଏକ ବାଇକକୁ ପିକ୍‌ଅପ ଭ୍ୟାନ ଧକ୍କା ଦେବା ଫଳରେ ବାଇକରେ ଥିବା ଦୁଇ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ପିଚ୍ଛୁଳାବେଡା ଗ୍ରାମ ଢ଼ିପା ସାହିର ବୁଦ୍ଧୁ ମହାନ୍ତ ଓ କାଉଁରିକଳା ଗ୍ରାମର ଯୋଗେଶ୍ୱର ମହାନ୍ତ। ଉଭୟ ବାଇକ ଯୋଗେ ତୁରୁମୁଙ୍ଗା ହାଟକୁ ପରିବା ବିକ୍ରି କରିବା ସକାଶେ ଯାଉଥିବା ବେଳେ ବିପରୀତ ପାର୍ଶ୍ୱରୁ ଆସୁଥିବା ଏକ ଖଲି ଚଉପତି ବୋଝେଇ ପିକ୍‌ଅପ ଭ୍ୟାନ ମୁହାଁମୁହିଁ ଧକ୍କା ଦେଇଥିଲା। ଆହତ ବାଇକ ଆରୋହୀଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ମା' ତାରିଣୀ ୱାକର୍ସ କ୍ଲବର ବାର୍ଷିକ ଉତ୍ସବ


ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି।

**କେନ୍ଦୁଝର, ୨୭।୧୨(ଡି.ଏନ.ଏ.)**

କେନ୍ଦୁଝର ସଦର ମହକୁମାଠାରେ ଥିବା ମା' ତାରିଣୀ ୱାକର୍ସ କ୍ଲବର ଅଷ୍ଟମ ବାର୍ଷିକ ଉତ୍ସବ ସ୍ଥାନୀୟ ତୈଳିକ ବୈଶ୍ୟ ସମାଜ ସଭାଗୃହଠାରେ ଶୁକ୍ରବାର ପାଳିତ ହୋଇଯାଇଛି। କ୍ଲବର ସଭାପତି ତଥା ଅବସରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ପି.ସି. ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ୱାକର୍ସ ଇଣ୍ଟରନ୍ୟାସନାଲ-୧୦୪ ର ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର କେଶବ ଚନ୍ଦ୍ର ଦାସ ମୁଖ୍ୟ ଅତିଥି, ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡିଶା ଭାଷା ଓ ସାହିତ୍ୟ ବିଭାଗର ପ୍ରାଧ୍ୟାପକ ଡ଼ଃ ସୁଧା ଦାସ ମୁଖ୍ୟବକ୍ତା ଏବଂ ଅବସରପ୍ରାପ୍ତ ଭୂତତ୍ତ୍ୱ ପ୍ରାଧ୍ୟାପକ ଡ଼ଃ ବନବିହାରୀ ମିଶ୍ର ସମ୍ମାନନୀୟ ଅତିଥିଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ କ୍ଲବର ଉପସଭାପତି ତଥା ପୂର୍ବତନ ବିଧାୟକ କାହ୍ନୁଚରଣ ନାୟକ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କ୍ଲବ ଦ୍ୱାରା ପ୍ରକାଶିତ ସକାଳସାଥିର ସମ୍ପାଦକ ଧନଞ୍ଜୟ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଉଲ୍ଲେଖନୀୟ ସେବା ପାଇଁ କୁମୁଦିନୀ ଦେହୁରୀ,ଶ୍ରେଷ୍ଠ କର୍ମଠ ସଦସ୍ୟ ଭାବେ ପାରେଶ୍ୱର ଜେନା, ଶରତ ଚନ୍ଦ୍ର ରାଉତ ଓ ମାନସୀ ନାୟକଙ୍କୁ ଉତ୍ତରୀୟ, ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ମୁଖପତ୍ର 'ସକାଳ ସାଥି'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପ୍ରାରମ୍ଭରେ ସୁର୍ ନିକେତନର କଳାକାରମାନେ ସୁନୀତା ପଟ୍ଟନାୟକଙ୍କ ସଂଯୋଜନାରେ ଆବାହନୀ ସଂଗୀତ ପରିବେଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ଲବର ଉପସଭାପତି ପ୍ରଶାନ୍ତ ସ୍ୱାଇଁ, ହରିଚନ୍ଦନପୁରଠାରେ ପ୍ରତିଷ୍ଠା ଲାଭ କରିଥିବା ଗୁଡମର୍ଣ୍ଣିଂ ୱାକର୍ସ କ୍ଲବର ସଭାପତି ବସନ୍ତ କୁମାର ପୃଷ୍ଟି ଓ ମାଇନିଂ ରୋଡ ୱାକର୍ସ କ୍ଲବର ସଭାପତି ଡାକ୍ତର ସଞ୍ଜୀବ କୁମାର ଓତା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ।

CLASSIFIED DISPLAY
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

LOAN
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ମୁଦ୍ରା ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
ଗୃହ ଋଣ, ପର୍ସନାଲ, ଆଧାରକାର୍ଡ, ମାର୍କଶିଟ୍, ପଶୁପାଳନ, ବ୍ୟବସାୟ, ପ୍ରପର୍ଟି, ଏଗ୍ରିକଲ୍ଚର, ଦୁଇ ଚକିଆ, ଗ୍ରୁପ୍ ଋଣ ସବୁ ପ୍ରକାର ଋଣ
2% ସୁଧ -40% ଛାଡ଼ରେ
ସହଜ କିସ୍ତିରେ ଘରେ ବସି ପାଆନ୍ତୁ
ମହିଳା ତଥା କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ମୁଦ୍ରା ଫାଇନାନ୍ସ
89291-25571
89296-19951
M.P. Nagar, Zone-1, Bhopal, Madhya Pradesh.

ମହେଶ୍ୱରୀ ଫାଇନାନ୍ସ
LOAN IN 7 DAYS
ମହିଳା/ପୁରୁଷ, ଦୋକାନୀ ବ୍ୟବସାୟୀ, ମାର୍କଶିଟ୍, ପ୍ରପର୍ଟି, କମ୍ ସୁଧ ହାରରେ
(2,00,000-10,00,000)
ଲକ୍ଷ ଋଣ ଉପଲବ୍ଧ।
Contact 9716825082

FINANCE
ସରକାରୀ ଯୋଜନା ଦ୍ୱାରା All Odisha ଋଣ ନିଜର ମାର୍କସିଟ, ଆଧାରକାର୍ଡ, କୃଷି ଋଣ
ମାତ୍ର ୦% ସୁଧ ୫୦% ଛାଡ
(ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ)
Call / SMS Now
Aastha - 9685015052
Rupali - 8963951185
Manisha - 9753016278
Mona - 7509774004
Janvi - 7566888563
Priyanka- 7649016745
Vasundhara Mall, West Boring Canal Rd, Rajapur, Patna, Bihar 800001

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

JAMUNA FINANCE
ବ୍ୟବସାୟ, ପର୍ସନାଲ, ମାର୍କଶିଟ୍, ପଶୁପାଳନ, କୃଷି ପ୍ରପର୍ଟି, ଗୃହ ଋଣ ଓ ଗ୍ରୁପ୍ ଋଣ। ସମସ୍ତ ପ୍ରକାର LOAN ସହଜ କିସ୍ତିରେ ଘରେ ବସି ପାଆନ୍ତୁ। ସୁଧ-2%
M: 7749011485
8117802682
Salt Lake City, Kolkata-700091, Panditagaon, Khalikote, Ganjam

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ Bansal Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 85,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ + Bike Free
ଆଜି ହିଁ ସଂମ୍ପର୍କ କରନ୍ତୁ
No. 751/3, Beleghata Main Road Kolkata - 700010, West Bengal, India
09433670261
09433670482

BUSINESS
ଖାଲିଥିବା ଜମି ଓ ଛାତ ଉପରେ Singhania Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
65/1, Ratna Villas Road, Gandhi Bazaar, Basavanagudi, Bengaluru, Karnataka 560004
Call / SMS Now
9453480851

Hindustan Tower ଗ୍ରୁପ୍ (ରେଜି.) କମ୍ପାନୀ ଦ୍ୱାରା ନିଜ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ । ଅଗ୍ରିମ ୨୦,୦୦,୦୦୦, ଭଡ଼ା ୬୦,୦୦୦ + କୋର୍ଟ ଏଗ୍ରୀମେଣ୍ଟ।
Helpline No.
7838639856
8929313996
Address- HNo.631, RANJIT ENCLAVE, VILL-NANGAL KARAR KHAN, JALANDHAR

ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
8743922900
9899587663

DHARITRI Career appointment Every Wednesday and Saturday

COLOR DISPLAY CLASSIFIED on every Tuesday & Friday

| SIZE | 15 days | 8 days | 4 days | Single day | |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | GST 5% will be added extra |

## ସଂକ୍ଷେପରେ

### ଫର୍ନିଚର ଦୋକାନରେ ଅଗ୍ନିକାଣ୍ଡ



**ଧାମନଗର, ୨୭।୧୨(ଡି.ଏନ.ଏ.):** ଭଦ୍ରକ ଜିଲା ଧାମନଗର ବ୍ଲକ ଧୂଷୁରୀ ବଜାରରେ ଥିବା ପଞ୍ଚାୟତ ମାର୍କେଟ କମ୍ପ୍ଲେକ୍ସର ଅଶୋକ ସୂତାରଙ୍କ ଫର୍ନିଚର ଦୋକାନରେ ଶୁକ୍ରବାର ଅଗ୍ନିକାଣ୍ଡ ଘଟିଛି। ଏଥିରେ ଦୋକାନରେ ଥିବା ସମସ୍ତ ଜିନିଷ ପୋଡ଼ି ନଷ୍ଟ ହୋଇଯାଇଛି। ଭୋର ସମୟରେ ଦୋକାନରେ ନିଆଁ ଜଳୁଥିବା ଦେଖି ଦମକଳ ବିଭାଗକୁ ଖବର ଦିଆଯାଇଥିଲା। ଧାମନଗରରୁ ୨ଟି ଦମକଳ ଗାଡ଼ି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଅଶୋକଙ୍କ ଦୋକାନରେ ଥିବା କାଠ, କାଠ ତିଆରି ବହୁ ଦାମୀ ସାମଗ୍ରୀ ସହିତ ସମସ୍ତ ଯନ୍ତ୍ରପାତି ମୋଟର ଜଳିଯାଇଛି। ବିଦ୍ୟୁତ୍ ଶର୍ଟସର୍କିଟ୍ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ଅଗ୍ନିଶମ ବିଭାଗ ସୂଚନା ଦେଇଛି।

### ଉତ୍କଳ ସାମ୍ବାଦିକ ସଂଘର ଜିଲା କାର୍ଯ୍ୟକାରିଣୀ

**ଧାମନଗର,୨୭।୧୨(ଡି.ଏନ.ଏ.):** ଧାମନଗର ସରକାରୀ ହାଇସ୍କୁଲ ପରିସରରେ ଶୁକ୍ରବାର ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଜିଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଖବରଦାତାମାନଙ୍କୁ ସୁରକ୍ଷା ଦାବି କରାଯିବା ସହ ସେମାନଙ୍କୁ ମୌଳିକ ସୁବିଧାରୁ ବଞ୍ଚିତ କରାଯାଉଥିବା ନେଇ ସଂଘ ଆନ୍ଦୋଳନ ଚେତାବନୀ ଦେଇଛି। ରାଜ୍ୟ ସଭାପତି ବିଭୂତି ଭୂଷଣ କର, କାର୍ଯ୍ୟକାରୀ ସଭାପତି ହାରାଧନ ବାନାର୍ଜୀ, ସଂଯୋଜକ ମଦନ ମୋହନ ପାଣି ଓ ଧାମନଗର ପ୍ରେସ୍ କ୍ଲବ ସଭାପତି କୈଳାସ ଗୁପ୍ତା ପ୍ରମୁଖ ଯୋଗ ଦେଇଥିଲେ। ଜିଲା ସଭାପତି ରବୀନ୍ଦ୍ର କୁମାର ଖିଲାର ଏଥିରେ ଅଧକ୍ଷତା କରିଥିଲେ। ଧାମନଗର ହାଇସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ରସାନନ୍ଦ ମହାପାତ୍ର, କବି ଦୟାନିଧି ମିଶ୍ର, ଲେଖକ ହେମେନ୍ଦ୍ର ମହାନ୍ତି, ଶିକ୍ଷାବିତ୍ ମନୋଜ ଜେନା ଓ ଅଭିମନ୍ୟୁ ମଲ୍ଲିକ ଯୋଗଦେଇ ନିରପେକ୍ଷ ଖବର ପରିବେଷଣ ଉପରେ ଗୁରୁତ୍ୱ ଦେଇଥିଲେ। ବରିଷ୍ଠ ଖବରଦାତା ଅନିଲ ବାରିକ ଆଭିମୁଖ୍ୟ ଓ ପ୍ରଦୀପ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ସେକ୍ ଜାଫର ଅଲ୍ଲୀ ଧନ୍ୟବାଦ ଦେଇଥିଲେ।

### 'ଛାତ୍ରୀଛାତ୍ର ଭଲ ମଣିଷ ହେଲେ ଶିକ୍ଷାର ଲକ୍ଷ୍ୟ ପୂରଣ ହେବ

**ବାସୁଦେବପୁର, ୨୭।୧୨(ଡି.ଏନ୍.ଏ.):** ଭଦ୍ରକ ଜିଲା ବାସୁଦେବପୁର ହନୁମାନ ବାଟିକା ପରିସରରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଧାମନଗର ବିଧାୟକ ବିଷ୍ଣୁଚରଣ ସେଠୀ ମୁଖ୍ୟଅତିଥି ଯୋଗ ଦେଇ ସଭାକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ର ପାଠ ପଢ଼ି ଭଲ ମଣିଷ ହେଲେ ଶିକ୍ଷାର ମୌଳିକ ଲକ୍ଷ୍ୟ ପୂରଣ ହୋଇପାରିବ ବୋଲି ସେ କହିଥିଲେ। ଆଗରପଡ଼ା ସିଟି ସ୍କୁଲର ପୂର୍ବତନ ଅଧକ୍ଷ ଡ. ଖଗେଶ୍ୱର ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଶିକ୍ଷାନୁଷ୍ଠାନର ସଭାପତି ଡ. ବସନ୍ତ ଦାସ ସଭାପତିତ୍ୱ କରିଥିଲେ। ସମ୍ପାଦକ ରାଜେନ୍ଦ୍ର ମାହୁନ୍ତ ବିବରଣୀ ପାଠ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ର ବାରିକ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଶିକ୍ଷାନୁଷ୍ଠାନର ପତ୍ରିକା ତୂର୍ଯ୍ୟନାଦ ଉନ୍ମୋଚିତ ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯିବା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# 'ସୌଭାଗ୍ୟ' ପାଲଟିଛି ଦୁର୍ଭାଗ୍ୟ

■ ମାସେ ହେଲା ଅନ୍ଧାରରେ ୨୫ ପରିବାର
■ ସଂଯୋଗ ନ ଥାଇ ଆସିଛି ବିଦ୍ୟୁତ୍ ବିଲ୍
■ ଚିନ୍ତାରେ ଗରିବ ହିତାଧିକାରୀ

**ଭଦ୍ରକ ଅଫିସ, ୨୭।୧୨**

ଭଦ୍ରକ ଜିଲାରେ ସୌଭାଗ୍ୟ ଯୋଜନା ଏବେ ଗରିବ ଲୋକଙ୍କ ପାଇଁ ଦୁର୍ଭାଗ୍ୟ ଅବସ୍ଥା ଆଣିଦେଇଛି। ବିଦ୍ୟୁତ୍ ବିଭାଗର ଅଜବ ନିୟମ କାରଣରୁ ଗରିବ ହିତାଧିକାରୀ ମୁଣ୍ଡରେ ହାତଦେଇ ବସିଛନ୍ତି। ଦୁଇ ପରିବାର ବକେୟା ଦେୟ ପୈଠ କରି ନ ଥିବାରୁ ଗାଁର ୨୫ ଘରକୁ ମାସେ ହେଲା ଅନ୍ଧାରରେ ରଖାଯାଇଛି। ଧାମନଗର ବ୍ଲକ ପଧାନୀ ପଞ୍ଚାୟତ ଅଧୀନ ଦଶନ୍ଧିକୁଳ ଗାଁ ଲୋକେ ଏଭଳି ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଏହି ଗାଁରେ ୨୭ ପରିବାର ବସବାସ କରୁଛନ୍ତି। ୧୪ ଘରକୁ ସାଧାରଣ ବିଜୁଳି ଓ ୧୩ ପରିବାରକୁ ବିପିଏଲ୍(ସୌଭାଗ୍ୟ) ବିଜୁଳି ସଂଯୋଗ ହୋଇଛି। କିନ୍ତୁ ଗତ ନଭେମ୍ବର ୮ ତାରିଖରୁ ସମ୍ପୂର୍ଣ୍ଣ ଗାଁ ଅନ୍ଧାରରେ ରହିଛି। ବିଦ୍ୟୁତ୍ ଟ୍ରାନ୍ସଫର୍ମର ପୋଡ଼ିଯାଇଥିବା ବେଳେ ଏହାକୁ ମରାମତି କରାଯାଉ ନାହିଁ। ଉକ୍ତ ଗାଁର ଲୋକେ ବିଲ୍ ବକେୟା ରଖିଥିବାରୁ ବିଦ୍ୟୁତ୍ ଦେଇହେଉ ନାହିଁ ବୋଲି ବିଭାଗୀୟ କର୍ତ୍ତୃପକ୍ଷ କହୁଛନ୍ତି। ଅପରପକ୍ଷେ ୨୫ ଘର ବକେୟା ପୈଠ କରିସାରିଥିବା ଗାଁ ଲୋକେ ପ୍ରକାଶ କରିଛନ୍ତି। ମାସକୁ ମାସ ମଧ୍ୟ ସେମାନେ ବିଲ୍ ପରିଶୋଧ କରନ୍ତି। ମାତ୍ର ଦୁଇ



ବିଦ୍ୟୁତ୍ ସଂଯୋଗ ନ ଥାଇ ବିଲ୍ ପାଇଥିବା ହିତାଧିକାରୀ।

ପରିବାର ୨୦ ହଜାର ଟଙ୍କାରୁ ଅଧିକ ବକେୟା ରଖିଥିବାରୁ ସମସ୍ତଙ୍କୁ ଅନ୍ଧାରରେ ରହିବାକୁ ପଡୁଛି। ଛୋଟ ଛୋଟ ପିଲା ଓ ବୃଦ୍ଧାବୃଦ୍ଧଙ୍କୁ ନେଇ ଅନ୍ଧାରରେ ଦିନ କାଟୁଛନ୍ତି। ବିଦ୍ୟୁତ୍ ନ ଥିବାରୁ ପିଲାଙ୍କ ପାଠପଢ଼ା ବାଧାପ୍ରାପ୍ତ ହେଉଛି। ମାସେ ହେଲା ବିଜୁଳି ନ ଥାଇ ମଧ୍ୟ ବିଲ୍ ଆସିଛି। ଏ ସମ୍ପର୍କରେ ଧାମନଗର ବିଭାଗର କନିଷ୍ଠ ଯନ୍ତ୍ରୀ ପ୍ରଶାନ୍ତ କୁମାର ଦାସଙ୍କୁ ପଚାରିବାରୁ କହିଛନ୍ତି, ଟ୍ରାନ୍ସଫର୍ମର ପୋଡ଼ିଯାଇଥିବା ସହ ଗାଁ ଲୋକେ ବିଲ୍ ବକେୟା ରଖିଛନ୍ତି। ତେବେ ଖୁବ୍‌ଶୀଘ୍ର ନୂଆ ଟ୍ରାନ୍ସଫର୍ମର ଲଗାଇ ସେମାନଙ୍କ ପରିବାରକୁ ବିଜୁଳି ସଂଯୋଗ କରାଯିବ।

ସେହିଭଳି ଭଦ୍ରକ ବ୍ଲକ ଅନ୍ତର୍ଗତ ରାହାଞ୍ଜ ପଞ୍ଚାୟତ ଅସୁରା ଗ୍ରାମରେ ସୌଭାଗ୍ୟ ଯୋଜନାରେ ବିଜୁଳି ସଂଯୋଗ ପାଇଁ ଆବେଦନ କରି ଫସିଛନ୍ତି ୫ରୁ ଊର୍ଦ୍ଧ୍ୱ ଗରିବ ପରିବାର। ଏହି ଗ୍ରାମର ମଞ୍ଜୁଲତା ବେହେରା, ଗୀତାଞ୍ଜଳି ବେହେରା, ପାର୍ବତୀ ବେହେରା, ବିନୋଦ ବେହେରା ଏବଂ କମଳିନୀ ବେହେରା ସୌଭାଗ୍ୟ ଯୋଜନାରେ ବିଦ୍ୟୁତ୍ ସଂଯୋଗ ପାଇଁ ଆବେଦନ କରିଥିଲେ। ଆବେଦନକାରୀଙ୍କୁ ଖୁବ୍‌ଶୀଘ୍ର ଏହି ଯୋଜନାରେ ବିଦ୍ୟୁତ୍ ଯୋଗାଇ ଦିଆଯିବ ବୋଲି ସେତେବେଳେ ପ୍ରତିଶ୍ରୁତି ମିଳିଥିଲା। ଏହାମଧ୍ୟରେ ୬ମାସ ବିତିବାକୁ ବସିଥିଲେ ମଧ୍ୟ ଆବେଦନକାରୀଙ୍କ ଘରକୁ ବିଜୁଳି ସଂଯୋଗ କରାଯାଇ ନାହିଁ। ଏପରି ସ୍ଥଳେ ସେମାନଙ୍କ ପାଖକୁ ଆସିଛି ବିଦ୍ୟୁତ୍ ବିଲ୍। ପରିବାର ପିଛା ଅତିକମ୍‌ରେ ୨ ହଜାର ଟଙ୍କାରୁ ଅଧିକ ବିଜୁଳି ଦେୟ ପୈଠ କରିବାକୁ ବିଲ୍ ଆସିଛି। ଯାହାକୁ ନେଇ ଏହି ଗରିବ ପରିବାର ଏବେ ଚିନ୍ତାରେ ପଡ଼ି ଯାଇଛନ୍ତି। ଭଣ୍ଡାରିପୋଖରୀ ବ୍ଲକ କୁଲଣା ଗାଁର ୨୩ ପରିବାରର ଅନୁରୂପ ସମସ୍ୟା। ବିଦ୍ୟୁତ୍ ସଂଯୋଗ ନ ଥାଇ ପ୍ରତି ପରିବାରକୁ ୨୯୦୦ ଲେଖାଏଁ ଟଙ୍କା ପୈଠ କରିବାକୁ ବିଲ୍ ଆସିଛି। ଏ ସମ୍ପର୍କରେ ନେସ୍କୋ କର୍ତ୍ତୃପକ୍ଷଙ୍କୁ ଯୋଗାଯୋଗ କରିବାରୁ କହିଛନ୍ତି, ହିତାଧିକାରୀଙ୍କ ଗୃହରେ ମିଟର ବସିନାହିଁ କି ବିଜୁଳି ସଂଯୋଗ ହୋଇନାହିଁ। ଏହି ବିଲ୍‌କୁ ନେଇ ବ୍ୟସ୍ତ ହେବାର କୌଣସି କାରଣ ନାହିଁ। ଏହା ବିଭାଗ ପକ୍ଷରୁ ଜାରି କରାଯାଇଥିବା ଏକ ପ୍ରୋଭିଜନାଲ ବିଲ୍ ଯାହା ଗ୍ରାହକଙ୍କୁ ଦେବାକୁପଡ଼ିବ ନାହିଁ ବୋଲି ସେ କହିଛନ୍ତି।



ଭଦ୍ରକର କୃତୀ ପ୍ରତିଯୋଗୀମାନେ।

## ଜାତୀୟ ଓପନ ଟାଏକୋଣ୍ଡୋରେ ଭଦ୍ରକକୁ ୭ ସ୍ୱର୍ଣ୍ଣପଦକ

**ଭଦ୍ରକ ଅଫିସ, ୨୭।୧୨**

କଲିକତା ଗିରିଶ ପାର୍କଠାରେ ଗତ ୨୧ରୁ ୨୪ ତାରିଖ ପର୍ଯ୍ୟନ୍ତ ଜାତୀୟ ଓପନ ଟାଏକୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ବୟସ ଏବଂ ଓଜନ ବର୍ଗରେ ଓଡ଼ିଶାରୁ ୬୦ଜଣ ବାଳିକା ବାଳକ ଭାଗ ନେଇଥିଲେ। ସେଥିରେ ଭଦ୍ରକରୁ ୨୫ ପ୍ରତିଯୋଗୀ ଟାଏକୋଣ୍ଡୋ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୭ଜଣ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ଏହି କୃତୀ କ୍ରୀଡ଼ାବିତ୍‌ମାନେ ହେଲେ ୩୦ବର୍ଷରୁ କମ୍ ପୁମ୍‌ସେ ବିଭାଗରେ ଏସ୍. ସମରଜିତ୍ ଚକ୍ର, ବାଳକ ସବ୍‌ଜୁନିୟର ପୁମ୍‌ସେରେ ଆକାଶଦୀପ ପଣ୍ଡିତ, ସବ୍‌ଜୁନିୟର କ୍ୟୁରୋଗିରେ ସାଇ ସୌଭାଗ୍ୟ ରାଉତ, ୩୦ ବର୍ଷରୁ କମ୍ ପୁମ୍‌ସେ ବିଭାଗରେ ଶିଲା ଦାସ, ଭୁବନେଶ୍ୱରୀ ସାହୁ, ହରପ୍ରିୟା ମହାକୁଡ ଏବଂ ୩୦ ବର୍ଷରୁ ଊର୍ଦ୍ଧ୍ୱ ପୁମ୍‌ସେରେ ଚିନ୍ମୟ ବେହେରା। ସେହିପରି କ୍ୟୁରୋଗି ବିଭାଗରେ(ସବ୍‌ଜୁନିୟର) ସୁମିତ ବାରିକ, ପୀୟୂଷ ପ୍ରୀତମ ଦୀକ୍ଷିତ, ସୋମ୍ୟାନିଲ ଜେନା, ଶକ୍ତି ସୌରଭ ପୁହାଣ, ଜଗନ୍ନାଥ ବେହେରା ଓ ରାଜ କୁମାର ନାୟକ ରୌପ୍ୟ ପଦକ ହାସଲ କରିଛନ୍ତି। ସୁର ସୁବ୍ରଜ୍ୟୋତି ଜେନା, ଆୟାନ ପାଣିଗ୍ରାହୀ, ଅନୁପ ରାଉତ, ଆର୍ଯ୍ୟ ଡିଡୱାନିଆ, ଅଙ୍କିତ ପ୍ରିୟଦର୍ଶନୀ ଓ ଜିଜ୍ଞାସୁ ଦୀକ୍ଷିତ କାଂସ୍ୟ ପଦକ ହାସଲ କରିଛନ୍ତି। ଅନ୍ତର୍ଜାତୀୟ ରେଫରି ସୁନ୍ଦରମଣି ପଟେଲ ପ୍ରତିଯୋଗିତା ପରିଚାଳନା କରିଥିବାବେଳେ ଜାତୀୟ ରେଫରୀ ସ୍ୱଦେଶ ରଞ୍ଜନ ରାଉତ ସହଯୋଗ କରିଥିଲେ। ଏହି ସଫଳତା ହାସଲ କରି ଫେରିବା ପରେ କ୍ରୀଡ଼ାବିତ୍‌ମାନଙ୍କୁ ଜିଲା ଟାଏକୋଣ୍ଡୋ ସଂଘର ସମ୍ପାଦକ ତଥା ରାଜ୍ୟ ଟାଏକୋଣ୍ଡୋ ସଂଘର ଯୁଗ୍ମ ସମ୍ପାଦକ ଚିନ୍ମୟ ବେହେରା ଏବଂ ରାଜ୍ୟ ସମ୍ପାଦକ ମନମୋହନ ଭଞ୍ଜ ସମ୍ବର୍ଦ୍ଧନା ଜଣାଇଥିଲେ।

## ■ ସର୍ବଭାରତୀୟ ଚରମ୍ପା କପ୍ କ୍ରିକେଟ
# ରାଉରକେଲା ଆର୍‌ଏସ୍‌ଏ ବିଜୟୀ

**ଭଦ୍ରକ ଅଫିସ,୨୭।୧୨**

ଭଦ୍ରକ ଚରମ୍ପା ହାଇସ୍କୁଲ ପଡ଼ିଆରେ ଚାଲିଥିବା ସର୍ବଭାରତୀୟ ଚରମ୍ପା କପ୍ କ୍ରିକେଟ ଟୁର୍ନାମେଣ୍ଟର ଚତୁର୍ଥ ଦିନରେ ରାଉରକେଲା ଆର୍‌ଏସ୍‌ଏ ଏବଂ କଟକ ୟୁନିଅନ ସ୍ପୋର୍ଟିଂ ମଧ୍ୟରେ ୨ୟ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା ୟୁନିଅନ ସ୍ପୋର୍ଟିଂ। ଦଳ ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୨୨୧ ରନ୍ କରିଥିଲା। ଦଳ ପକ୍ଷରୁ ସନ୍ତୋଷ ରାଉତ ସର୍ବାଧିକ ୯୯ ଏବଂ ସତ୍ୟରଞ୍ଜନ ଶତପଥୀ ୫୧ ରନ୍ କରିଥିଲେ। ରାଉରକେଲା ଟିମ୍‌ର କମଲ ଦୟାଲ ୪ ଏବଂ ପି. ସିଂ ୩ ଉଇକେଟ ନେଇଥିଲେ। ୨୨୨ ରନ୍‌ର ବିଜୟ ଲକ୍ଷ୍ୟ ନେଇ ରାଉରକେଲା ଟିମ୍ ୧୮.୩ ଓଭରରେ ୬ ଉଇକେଟ ହରାଇ ଆବଶ୍ୟକ ରନ୍ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ପ୍ରୟାଂଶ ସିଂ ଠାକୁର ୫୪ ଏବଂ ଗୌତମ ସୁନା ୫୫ ରନ୍ କରିଥିଲେ। ୟୁନିୟନ ସ୍ପୋର୍ଟିଂର ରାଜେଶ ସେଠୀ ୨ ଉଇକେଟ ନେଇଥିଲେ। ଟୁର୍ନାମେଣ୍ଟ କମିଟି ଅଧକ୍ଷ ପଦ୍ମନାଭ ପଣ୍ଡା ରାଉରକେଲା ଦଳର ପ୍ରୟାଂଶ ସିଂ ଠାକୁରଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ଲଲାଟ କେଶରୀ ନନ୍ଦ, ଶାନ୍ତନୁ କୁମାର ରାଉତ ଅମ୍ପାୟାର ଭାବେ ମ୍ୟାଚ୍ ପରିଚାଳନା କରିଥିବାବେଳେ ଗଗନ ରାଉଳ ତୃତୀୟ ଅମ୍ପାୟାର ଥିଲେ। ସ୍କୋରର ଭାବେ ବିକି ଶର୍ମା, ସୁଶାନ୍ତ ସ୍ୱାଇଁ, ଗୁଠ୍ ସରକାର ଏବଂ ଭାଷ୍ୟକାର ଭାବେ ରାଜୁ ଖାଁ, ନୁର ମହମ୍ମଦ ଖାଁ ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ ହ୍ୟାଟ୍ରିକ ଚଉକା ଓ ଉଇକେଟ ପାଇଁ ପ୍ରୟାଂଶ ସିଂ ଠାକୁରଙ୍କୁ କମିଟି ଅଧକ୍ଷ ପଣ୍ଡା ପୁରସ୍କାର ରାଶି ପ୍ରଦାନ କରିଥିଲେ। ମଦନ ମହାନ୍ତି, ରଜତ ନାୟକ, ଦେବବ୍ରତ ରାଉତରାୟ, ଚନ୍ଦ୍ରବଂଶୀ ପଲାଇ, ବିଭୂତି ଭୂଷଣ ପଲାଇ, ସନ୍ତୋଷ ଧଳ, ଅମିୟ ରାଉତ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। ଶନିବାର କଟକ ରାଇଜିଂ ଷ୍ଟୁଡେଣ୍ଟ ଓ ଝାଡ଼ଖଣ୍ଡ ୟୁନିଅନ ବୋକାରୋ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି।



ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି ରାଉରକେଲା ଟିମ୍‌ର ପ୍ରୟାଂଶ ସିଂ ଠାକୁର।

## ଇଚ୍ଛାଶକ୍ତି ପାଖରେ ସବୁ ହାର ମାନିଥାଏ

**ବନ୍ତ,୨୭।୧୨(ଡି.ଏନ୍.ଏ.)**

ଦୃଢ଼ ମନୋବଳ ଓ ଇଚ୍ଛାଶକ୍ତି ପାଖରେ ସବୁ ହାର ମାନିଥାଏ ବୋଲି ବନ୍ତ ବ୍ଲକ ପଧାନପଡ଼ା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଷୋଡ଼ଶ ବାର୍ଷିକ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ପ୍ରାରମ୍ଭରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସ୍ୱାଗତ ନୃତ୍ୟ ପରିବେଷଣ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା ପରିଷଦ ସଭାପତି ସେକ୍ ଜଲାଲଉଦ୍ଦିନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସାହିତ୍ୟିକ ଦୟାଦେବୀ ମିଶ୍ର, ମୁଖ୍ୟବକ୍ତା ଯୋଗାଚାର୍ଯ୍ୟ ବାଇଧର ବେହେରା, ଅନ୍ୟତମ ଅତିଥି ଭାବେ ଚାରୁଚନ୍ଦ୍ର ଇଂଲିଶ ମାଧ୍ୟମ ବିଦ୍ୟାଳୟର ଅଧକ୍ଷ ଅକ୍ଷୟ କୁମାର ଜେନା ଯୋଗ ଦେଇଥିଲେ। ଏହି ଅବସରରେ ଚଳିତବର୍ଷର ବାର୍ଷିକ ପତ୍ରିକା ଭିନ୍ନବାତାୟନ ଉନ୍ମୋଚିତ ହୋଇଥିଲା। ପ୍ରତିଭାସମ୍ପନ୍ନ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ୨୦୧୮-୧୯ ମାଟ୍ରିକ୍ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିବା କୃତୀ ଛାତ୍ରୀଛାତ୍ରଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା।

## ଜିଲାପାଳଙ୍କୁ ମାନବାଧିକାର କମିଶନଙ୍କ ନୋଟିସ୍

**ଭଦ୍ରକ ଅଫିସ, ୨୭।୧୨**

ଜାତୀୟ ମାନବାଧିକାର କମିଶନ ଭଦ୍ରକ ଜିଲାପାଳଙ୍କୁ ନୋଟିସ୍ ଜାରି କରିଛନ୍ତି। ଆସନ୍ତା ୩୧ ସୁଦ୍ଧା ନୂଆଦିଲ୍ଲୀଠାରେ କମିଶନଙ୍କ ନିକଟରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଭଦ୍ରକ ଡଗମୁଣ୍ଡ କୁଷ୍ଠରୋଗୀଙ୍କ ସମସ୍ୟା ନିରାକରଣରେ ଜିଲା ପ୍ରଶାସନ ବିଫଳ ହୋଇଥିବାରୁ ଏହି ନୋଟିସ୍ ଜାରି କରାଯାଇଥିବା ସୂଚନା ମିଳିଛି। ସୁପ୍ରିମକୋର୍ଟ ଆଡଭୋକେଟ୍ ଓ ସାମାଜିକ କର୍ମୀ ରାଧାକାନ୍ତ ତ୍ରିପାଠୀଙ୍କ ଦ୍ୱାରା ଦାଏର ମାମଲାର ବିଚାର କରି ଏନ୍‌ଏଚ୍‌ଆର୍‌ସି ଏହି ନିର୍ଦ୍ଦେଶ ଦେଇଛନ୍ତି। ଭଦ୍ରକ ରାନ୍ଦିଆସ୍ଥିତ ଡଗମୁଣ୍ଡ କୁଷ୍ଠ କଲୋନୀର ବାସିନ୍ଦା ଦୟନୀୟ ଅବସ୍ଥାରେ ରହୁଛନ୍ତି। ବଞ୍ଚିବା ପାଇଁ ଭିକ୍ଷାବୃତ୍ତି କରିବାକୁ ସେମାନେ ବାଧ୍ୟ ହେଉଛନ୍ତି। ସେମାନଙ୍କୁ ପିଇବା ପାଣି, ଖାଦ୍ୟ, ଆଶ୍ରୟ, ସ୍ୱାସ୍ଥ୍ୟ ଓ ଯୋଗାଯୋଗ ସୁବିଧା ମିଳୁନାହିଁ। ଜାତି ପ୍ରମାଣପତ୍ର ଓ ଭୂମିହୀନଙ୍କ ପାଇଁ ଉଦ୍ଦିଷ୍ଟ ସୁବିଧା ସୁଯୋଗରୁ ମଧ୍ୟ ସେମାନେ ବଞ୍ଚିତ ବୋଲି ଆଡଭୋକେଟ ପିଟିଶନରେ ଦର୍ଶାଇଛନ୍ତି। ସେମାନଙ୍କୁ ମୌଳିକ ଅଧିକାର ପ୍ରଦାନ ନିମନ୍ତେ ସେ ମାନବାଧିକାର କମିଶନଙ୍କୁ ଅନୁରୋଧ କରିଛନ୍ତି। ଏ ସମ୍ପର୍କରେ ଜିଲାପାଳ ଜ୍ଞାନରଞ୍ଜନ ଦାସଙ୍କୁ ପଚାରିବାରୁ ଜିଲା ପ୍ରଶାସନ ପକ୍ଷରୁ ଏକ ରିପୋର୍ଟ ପ୍ରସ୍ତୁତ କରାଯାଇ କମିଶନଙ୍କୁ ପଠାଯାଇଛି ବୋଲି କହିଛନ୍ତି।

## ତାରିଣୀ ମନ୍ଦିରରୁ ଚୋରି

**ପଦ୍ମପୁର, ୨୭।୧୨(ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଜଗନ୍ନାଥପ୍ରସାଦ ପଞ୍ଚାୟତ ଜୟକୃଷ୍ଣପୁର ଗ୍ରାମର ତାରିଣୀ ମନ୍ଦିରରୁ ଗୁରୁବାର ରାତିରେ ଚୋରି ହୋଇଛି। ଗ୍ରାମବାସୀ ଶୁକ୍ରବାର ଏ ନେଇ ନାୟକାଣିଡିହୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଦୁର୍ବୃତ୍ତମାନେ ମା'ଙ୍କ ଦେହରୁ ୫ଟି ସୁନାଚିତା ଅଳଙ୍କାର ସହ ହୁଣ୍ଡିବାକ୍ସ ଚୋରି କରି ନେଇଯାଇଛନ୍ତି। ହୁଣ୍ଡିବାକ୍ସରେ ୫ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଥିଲା ବୋଲି ଗ୍ରାମବାସୀ ଦର୍ଶାଇଛନ୍ତି। ନାୟକାଣିଡିହୀ ଥାନା ଏସ୍‌ଆଇ ନିରୋଦ କୁମାର ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।

## 'ଅବହେଳିତଙ୍କ ସେବା ହିଁ ପ୍ରକୃତ ସେବା'

**ପଦ୍ମପୁର, ୨୭।୧୨(ଡି.ଏନ.ଏ.)**

ଭଦ୍ରକ ବ୍ଲକ ସାବରଙ୍ଗଠାରେ ଗୁଆମାଳର 'ଚେନାଏ ହସ' ସାମାଜିକ ଅନୁଷ୍ଠାନ ତରଫରୁ ଅସହାୟମାନଙ୍କୁ କମ୍ବଳ ବଣ୍ଟନ କରାଯିବା ସହ ବୃକ୍ଷରୋପଣ ଓ ସାମାଜିକ କର୍ମୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ପରିପ୍ରେକ୍ଷୀରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାବରଙ୍ଗ ସରପଞ୍ଚ ରଞ୍ଜିତା ନାୟକ, ସମିତିସଭ୍ୟା ରଶ୍ମିତା ମହାଳିକ, ଗୋରାମାଟି ସରପଞ୍ଚ ଗଣେଶ ପ୍ରସାଦ ମଲ୍ଲିକ, ଜିଲାପରିଷଦ ସଭ୍ୟା ସୁକାନ୍ତି ନାୟକ, ଏନ୍‌ଡିଏମ୍‌ଇ ସ୍କୁଲର ପ୍ରଧାନଶିକ୍ଷକ ନୀଳାଦ୍ରି ଭୂଷଣ ତ୍ରିପାଠୀ, ଅନୁଷ୍ଠାନର ସଭାପତି ଲକ୍ଷ୍ମୀକାନ୍ତ ଖୁଣ୍ଟିଆ ଓ ସମ୍ପାଦକ ସନାତନ ଜେନା ପ୍ରମୁଖ ଯୋଗ ଦେଇଥିଲେ। ସାବରଙ୍ଗ ଓ ଗୋରାମାଟି ପଞ୍ଚାୟତର ୧୦୦ଜଣ ଗରିବ, ଅସହାୟଙ୍କୁ ଚିହ୍ନଟ କରାଯାଇ କମ୍ବଳ ବଣ୍ଟନ କରାଯାଇଥିଲା। ସମାଜର ଅବହେଳିତ, ନିଷ୍ପେସିତ ବ୍ୟକ୍ତିଙ୍କ ସେବା ହିଁ ପ୍ରକୃତ ସେବା ବୋଲି ଉପସ୍ଥିତ ଅତିଥିମାନେ କହିଥିଲେ। ସେହିପରି ସ୍ଥାନୀୟ ଅଞ୍ଚଳର ୩ ସାମାଜିକ କର୍ମୀ ନବଘନ ସାମନ୍ତ, ବ୍ରଜକିଶୋର ନାୟକ, ଗୋଲକ କୁମାର ପାଢ଼ୀ ଏବଂ ପ୍ରଧାନଶିକ୍ଷକ ନୀଳାଦ୍ରି ଭୂଷଣ ତ୍ରିପାଠୀ ଓ ଶିକ୍ଷକ ଗଙ୍ଗାଧର ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସ୍ଥାନୀୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହାପରେ ବିଦ୍ୟାଳୟ ପରିସରରେ ଗଛ ଲଗାଯାଇଥିଲା। ସାମାଜିକ କର୍ମୀ ଉମାକାନ୍ତ ଜେନା, ରଞ୍ଜନ ଜେନା, ଭରତ ଚନ୍ଦ୍ର ସାହୁ, ସମୀର ଚନ୍ଦ୍ର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ କମଳାକାନ୍ତ ମିଶ୍ର ଆର୍ଥିକ ସହାୟତା ପ୍ରଦାନ କରିଥିଲେ।



କାର୍ଯ୍ୟକ୍ରମରେ ଜଣେ ମହିଳାଙ୍କୁ କମ୍ବଳ ପ୍ରଦାନ କରାଯାଉଛି।

## ଜିଲା ଇଲେକ୍ଟ୍ରିସିଆନ ଆସୋସିଏଶନର ବାର୍ଷିକ ଉତ୍ସବ

**ଭଦ୍ରକ ଅଫିସ, ୨୭।୧୨:** ଭଦ୍ରକ ଜିଲା ଇଲେକ୍ଟ୍ରିସିଆନ ଆସୋସିଏଶନର ୬ଷ୍ଠ ବାର୍ଷିକ ଉତ୍ସବ ଭାଗବତ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ବନ୍ଧୁମିଳନ ଓ ପ୍ରତିଭା ସମ୍ବର୍ଦ୍ଧନା ସଭାରେ ସମ୍ପାଦକ ଆଇନଜୀବୀ ରଞ୍ଜନ ପଣ୍ଡା ପୌରୋହିତ୍ୟ କରିଥିଲେ। ସଙ୍ଗୀତକାର କାର୍ତ୍ତିକ ଚନ୍ଦ୍ର ବେହେରା, ଆଇନଜୀବୀ ଦିବ୍ୟସିଂ ନାୟକ, ରୋଟାରିଆନ ଅତୀଶ ବେହେରା, ଶ୍ରାବଣୀ କିନ୍ନର ଓ ସଭାପତି ଇଂ. ଆଶୁତୋଷ ଦେ ଯୋଗ ଦେଇଥିଲେ। ପ୍ରତିଭାବାନ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ବାବୁଲା ପଣ୍ଡା, ମଣିଶେଖର ସେନ ଗୁପ୍ତା, ବୁଦ୍ଧଦେବ ସାମଲ, ଅଲ୍ଲୀ ହୁସେନ ଖାଁ ପ୍ରମୁଖ ସହଯୋଗ କରିଥିଲେ।

## ■ ଧାମନଗର ପଞ୍ଚାୟତ ସମିତି ବୈଠକ
# ବିଭିନ୍ନ ଯୋଜନାରେ ଅନିୟମିତତାର ତଦନ୍ତ ଦାବି

**ଧାମନଗର, ୨୭।୧୨(ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ବ୍ଲକ ସଭାଗୃହରେ ଶୁକ୍ରବାର ପଞ୍ଚାୟତ ସମିତିର ୯ମ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଦୁର୍ଗାଚରଣ ମୁର୍ମୁ ଏଥିରେ ଅଧକ୍ଷତା କରିଥିଲେ। ବିଧାୟକ ବିଷ୍ଣୁ ସେଠୀ, ବ୍ଲକ ଅଧକ୍ଷ ଅଶୋକ କୁମାର ନାୟକ, ଉପାଧକ୍ଷା ବିଳାସିନୀ ଘୋଷ, ଏମ୍‌ପିଙ୍କ ପ୍ରତିନିଧି ଶରତ ମହାନ୍ତି ଓ ଜିପିଓ ସୂର୍ଯ୍ୟମଣି ରାଉତ ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକ ପ୍ରଶାସନ ଅଧୀନ କେତେକ ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତି ନେଇ ବିଧାୟକ କ୍ଷୁବ୍ଧ ହୋଇଥିଲେ। ଜିଲା ପରିଷଦ ସଭ୍ୟ ମନୋଜ କୁମାର ମଲ୍ଲିକ ବ୍ଲକରେ ନିମ୍ନମାନର ପାଇଖାନା ଓ ଅଙ୍ଗନୱାଡି ଗୃହ ନିର୍ମାଣ ସହିତ ଅଧିକାଂଶ ଗୃହ ନିର୍ମାଣ ହେଉ ନ ଥିବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା ନେଇ ତଦନ୍ତ ଦାବି କରିଥିଲେ। ଏସବୁ ବିଷୟରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ଯଥା ସମୟରେ ରାସ୍ତାଘାଟ ଓ ରାଶନକାର୍ଡ ସମସ୍ୟା ସମାଧାନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଜିଲାପରିଷଦ ସଦସ୍ୟ ଉମାମଣି ସାହୁ, ସୁରତ ସେଠୀଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ବୈଠକରେ ଉପସ୍ଥିତ ଥିଲେ।

# ଅଦିନିଆ ବର୍ଷାକୁ ନେଇ ଚିନ୍ତାରେ ଚାଷୀ

**ଭଣ୍ଡାରିପୋଖରୀ, ୨୭।୧୨(ଡି.ଏନ.ଏ.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଅଞ୍ଚଳରେ ଦୁଇଦିନ ଧରି ମେଘୁଆ ପାଗ ସାଙ୍ଗକୁ ଝିପିଝିପି ବର୍ଷା ଲାଗି ରହିଛି। ଧାନ ଅମଳ ସମୟରେ ଏଭଳି ଅଦିନିଆ ବର୍ଷାକୁ ନେଇ ଚାଷୀମାନେ ଚିନ୍ତାରେ ପଡ଼ିଯାଇଛନ୍ତି। ଚାଷୀମାନେ ଖରିଫ ଧାନ କାଟି ବିଲରେ ପକାଇଥିବାବେଳେ କେତେକ ସ୍ଥାନରେ ଧାନ କଟା ମଧ୍ୟ ହୋଇ ନାହିଁ। ଯେଉଁ ଧାନ କଟା ହୋଇଛି ତାକୁ ଆଣିବାକୁ ବନ୍ଧାବନ୍ଧି କାମ ସାରିଛନ୍ତି। କେତେଜଣ ଚାଷୀ ଧାନକୁ ଟ୍ରାକ୍ଟର ଓ ଭାର ଯୋଗେ ବୋହି ଆଣୁଥିବାବେଳେ କେତେକ ବିଲରେ କ୍ଷେତକୁ ପଞ୍ଜା ମାରି ରଖିଛନ୍ତି। ବିଲରେ କଟା ହୋଇପଡ଼ିଥିବା ଓ ମେଶିନ କାଟିଥିବା ଧାନକୁ ସୁରକ୍ଷିତ ରଖିବା ଲାଗି ଜରିପାଲ ଘୋଡ଼ାଇ ରଖିବା ସାର ହୋଇଛି। ଚଳିତବର୍ଷ ବିଳମ୍ବରେ ଖରିଫ ଧାନ ଚାଷ ହୋଇଥିବାବେଳେ ଥୋଡ଼ ବାହାରିବା ବେଳକୁ ବୁଲ୍‌ବୁଲ୍ ବାତ୍ୟା ଦାଉ ସାଧିଲା। ଏହା ପରେ ପରେ ଧାନରେ ରୋଗପୋକ ଲାଗିଲା। ଏବେ ପୁଣି ପାଚିଲା ଧାନ ବେଳକୁ ଅଦିନିଆ ବର୍ଷା ଚିନ୍ତାରେ ପକାଇଛି। କଟାଧାନକୁ ସାଇତି ରଖିବାରେ ଚାଷୀଙ୍କ ପରିବାର ଲାଗିପଡ଼ିଛନ୍ତି। ଏଭଳି ବର୍ଷା ଲାଗି ରହିଲେ ଓଦାଧାନକୁ ସମବାୟ ସମିତିରେ ବିକ୍ରି କରିବାରେ ସମସ୍ୟା ସୃଷ୍ଟି ହେବା ସହ ଧାନ ଗଜା ହୋଇପାରେ ବୋଲି ସ୍ଥାନୀୟ ଅଞ୍ଚଳର କେତେକ ଚାଷୀ ଆଶଙ୍କା ପ୍ରକାଶ କରିଛନ୍ତି।



ବିଲରେ ଥିବା କଟାଧାନକୁ ସାଇତିବାରେ ଚାଷୀ ବ୍ୟସ୍ତ।

## ସଂକ୍ଷେପରେ

### ବଡ଼ଖଲାଡ଼ିରେ ହାତୀ ଉପଦ୍ରବ

କପ୍ତିପଦା,୨୭।୧୨(ଡି.ଏନ୍.ଏ.): ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ ଅଧୀନ ବଡ଼ଖଲାଡ଼ି ପଞ୍ଚାୟତର ବିଭିନ୍ନ ଗ୍ରାମରେ ହତୀ ଉପଦ୍ରବ ଦେଖା ଦେଇଛି। ଶିମିଳିପାଳରୁ ଖସି ଆସିଥିବା ୮ଟି ହାତୀ ଶୁକ୍ରବାର ପଞ୍ଚାୟତର ବିଭିନ୍ନ ଅଞ୍ଚଳରେ ପ୍ରବେଶ କରିଛନ୍ତି। ହାତୀପଲରେ ଗୋଟିଏ ଦନ୍ତା, ୪ଟି ମାଈ ଏବଂ ୩ଟି ଛୁଆ ହାତୀ ରହିଛନ୍ତି। ହାତୀପଲ ଟାଙ୍ଗରାଶୁଣୀ ପୀଠ ସଂଲଗ୍ନ ପଛପଟରେ ଥିବା ନଛିପୁର ସଂରକ୍ଷିତ ଜଙ୍ଗଲରେ ରହିଥିଲେ। ସକାଳୁ ଗ୍ରାମବାସୀମାନେ ଏହା ଦେଖି ବାଣ ଫୁଟାଇବାରୁ ସେମାନେ ଇତଃସ୍ତତ ହୋଇ ନୂଆସାହି ବଜାର ପାଖରେ ପହଞ୍ଚିଥିଲେ। କପ୍ତିପଦା ରେଞ୍ଜର ମହେଶ୍ୱର ସିଂ, ଫରେଷ୍ଟର ଶୋଭାକର ସିଂ ଏବଂ ବନକର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ହାତୀପଲଙ୍କ ଗତିବିଧିକୁ ନିରୀକ୍ଷଣ କରିବା ସହିତ ସେମାନଙ୍କୁ ନଛିପୁର ସଂରକ୍ଷିତ ଜଙ୍ଗଲକୁ ଘଉଡ଼ାଇ ଦେଇଛନ୍ତି।

### 'କ୍ରୀଡ଼ାର ବିକାଶ ଲାଗି ଉଦ୍ୟମ ଲୋଡ଼ା'

ବାଙ୍ଗିରିପୋଷି,୨୭।୧୨(ଡି.ଏନ୍.ଏ.): ସ୍ଥାନୀୟ ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟର ତ୍ରିଦିବସୀୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷା ଡ.ପୁଷ୍ପା ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବରେ ମୟୂରଭଞ୍ଜ ଜିଲା କ୍ରୀଡ଼ା ସଂସଦର ସାଧାରଣ ସମ୍ପାଦକ କିଶୋର କୁମାର ବିଶ୍ୱାଳ ଯୋଗଦେଇଥିଲେ । ଜିଲାରେ କ୍ରୀଡ଼ାର ବିକାଶ ଲାଗି ସମସ୍ତଙ୍କର ଉଦ୍ୟମ ଲୋଡା ବୋଲି କ୍ରୀଡ଼ା ପ୍ରେମୀ ଛାତ୍ରୀଛାତ୍ରମାନଙ୍କୁ ସେ ପରାମର୍ଶ ଦେଇଥିଲେ । କ୍ରୀଡ଼ା ସଂସଦର ମୁଖ୍ୟ ଉପଦେଷ୍ଟା ଅଧାପକ ନିର୍ମଳ ଚନ୍ଦ୍ର ସାହୁ ବାର୍ଷିକ କ୍ରୀଡ଼ାର ସମସ୍ତ ଦାୟିତ୍ୱ ବହନ କରିଥିଲେ । କ୍ରୀଡ଼ା ଶିକ୍ଷକ ଜଗନ୍ନାଥ ମହାନ୍ତ, ଉପଦେଷ୍ଟା ଅଧାପକ ସତ୍ୟବ୍ରତ ବେହେରା ,ମନୋଜ କୁମାର ପ୍ରଧାନ, ଅଧାପିକା ଶୁଚିସ୍ମିତା ସାହୁ, ଡେମନଷ୍ଟ୍ରେଟର ଦେବାଶିଷ ବେହେରା ,ଗ୍ରନ୍ଥାଗାରିକ କରୁଣାକର ବାରିକ ପ୍ରମୁଖ ଉପସ୍ଥିତ ଥିଲେ। କୃତୀ ଖେଳାଳିମାନଙ୍କୁ ମୁଖ୍ୟ ଅତିଥି ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ । ମହାବିଦ୍ୟାଳୟର ସମସ୍ତ ଅଧାପକ, ଅଧାପିକା ଓ କର୍ମଚାରୀଗଣ ପରିଚାଳନାରେ ସହଯୋଗ କରିଥିଲେ । ସହ ଉପଦେଷ୍ଟା ଦେବାଶିଷ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

### ବେଆଇନ ମଦ ଭାଟିରେ ଚଢ଼ାଉ

ରାଇରଙ୍ଗପୁର,୨୭।୧୨(ଡି.ଏନ୍.ଏ.): ସହକାରୀ ଜିଲାପାଳ ଧର୍ମେନ୍ଦ୍ର ଶତପଥୀଙ୍କ ସହାୟତାରେ ଶୁକ୍ରବାର ରାଇରଙ୍ଗପୁର ଅବକାରୀ ବିଭାଗ ଏବଂ ପୋଲିସ ମିଳିତ ଭାବେ ବେଆଇନ ମଦ ଭାଟିରେ ଚଢାଉ କରିଛନ୍ତି। ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ପିଠାକୁଟୁଣି ଗ୍ରାମ ନିକଟସ୍ଥ ବିଲ ପାର୍ଶ୍ୱ ଏକ ନାଳ ନିକଟରେ ଏକ ବେଆଇନ ମଦରନ୍ଧା ଭାଟି ଉପରେ ଅଚାନକ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ମଦ ବେପାରୀମାନେ ଘନ କୁହୁଡ଼ି ଯୋଗୁ ଘଟଣାସ୍ଥଳରୁ ଖସି ପଳାଇଥିଲେ। ଅବକାରୀ ବିଭାଗ ଏବଂ ପୋଲିସ ବାହିନୀ ଘଟଣାସ୍ଥଳରୁ ୭୬ ଲିଟର ରନ୍ଧା ଦେଶୀ ମଦ ସହ ୨ ହଜାର ୮୦ କେ.ଜି ପୋଚ ଜବତ କରିଥିଲେ। ଏହି ମାମଲାରେ ଅବକାରୀ ବିଭାଗ ଏକ ମାମଲା (ନଂ.୧୧୧/୧୯) ରୁଜୁ କରିଛି। ରାଇରଙ୍ଗପୁର ଅବକାରୀ ସବ୍‌ଇନ୍ସପେକ୍ଟର ହରିହର ସିଂ ଏବଂ ଏଏସ୍‌ଆଇ ସିଦ୍ଧେଶ୍ୱର ନାୟକଙ୍କ ସମେତ ଅବକାରୀ ଏବଂ ପୋଲିସ କର୍ମଚାରୀ ଚଢ଼ାଉରେ ସାମିଲ୍ ଥିଲେ।

# ଚାଷୀଙ୍କୁ ଦାଉ ସାଧିଲା ଅଦିନିଆ ବର୍ଷା

ବଡ଼ସାହି,୨୭।୧୨(ସ୍ୱ.ପ୍ର)



ରାସ୍ତାକଡ଼ରେ ଗଦା ହୋଇ ରହିଥିବା ଧାନ।

ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଅଞ୍ଚଳରେ ଅଦିନିଆ ବର୍ଷା ଦାଉ ସାଧିଛି। ଅମଳ ହୋଇ ବିଲରେ ଗଦା ହୋଇ ରହିଥିବା ପାଚିଲା ଧାନ ବର୍ଷାରେ ଓଦା ହୋଇ ଯାଇଛି । ଚାଷ ଜମିଗୁଡିକରେ ପାଣି ଜମି ରହିଥିବାରୁ କଟା ହୋଇ ପଡିଥିବା ଧାନ ଗଜା ହେବା ଆଶଙ୍କା ଉପୁଜିଛି। ଫଳରେ ଏହି ବ୍ଲକ ଅଧୀନ ୩୦ ପଞ୍ଚାୟତରେ ଥିବା ଚାଷୀମାନଙ୍କ ପାଚିଲା ଧାନ ଫସଲ ନଷ୍ଟ ହେବାକୁ ବସିଛି। ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ର ଦ୍ୱାରା କୌଣସି ସତର୍କ ସୂଚନା ଦିଆଯାଇ ନ ଥିବାରୁ ଚାଷୀମାନେ ପାଚିଲା ଧାନ ଫେରିପାଇବା ଆଶା ହରାଉଛନ୍ତି।

ଏହି ବ୍ଲକର ବିଭିନ୍ନ ଅଞ୍ଚଳରେ ଚଳିତ ବର୍ଷ ଧାନ ଚାଷକୁ ନେଇ ବିଭିନ୍ନ ସମସ୍ୟା ଦେଖା ଦେଇଥିଲା । ଧାନ ରୁଆ ଓ ବୁଣା ପାଇଁ ଉପଯୁକ୍ତ ପାଣିପାଗ ନ ଥିବାରୁ ଚାଷୀମାନେ ଚିନ୍ତାରେ ପ୍ରମାଦ ଗଣୁଥିଲେ । ଏପରିକି ଚାଷ ସମୟରେ ପାଣିର ଅଭାବ ସହିତ ମୌସୁମୀ ଜଳବାୟୁର ପରିବର୍ତ୍ତନ ହୋଇଥିଲା । ଜୁନ ଓ ଜୁଲାଇ ମାସରେ ଧାନ ରୁଆ ହେବା ପରିବର୍ତ୍ତେ ଅଗଷ୍ଟ ଓ ସେପ୍ଟେମ୍ବର ମାସରେ ଚାଷ କାର୍ଯ୍ୟ ଆରମ୍ଭ ହୋଇଥିଲା। ଚାଷ ପାଇଁ ଆବଶ୍ୟକ ପାଣିର ଅଭାବ ପରିଲକ୍ଷିତ ହେଉଥିବା ବେଳେ ସ୍ଥାନେ ସ୍ଥାନେ ପୋକ ଦାଉ ସାଧିଥିଲେ। ଏପରି ସ୍ଥଳେ ଯାହା ବଞ୍ଚିଥିଲା ଅଦିନିଆ ବର୍ଷାରେ ଏବେ ଚାଷୀଙ୍କ ମେରୁଦଣ୍ଡ ଦୋହଲି ଯାଇଛି । ବ୍ଲକର ତଳିଆ ଅଞ୍ଚଳ ମାନଗୋବିନ୍ଦପୁର, ଶାଳଗାଁ, ମାଣତ୍ରୀ, ପଟିସାରୀ, ଚନ୍ଦନପୁର, ଦେଉଳିଆ, ବଳଭଦ୍ରପୁର, ମାଧପୁର ଆଦି ପଞ୍ଚାୟତରେ ଥିବା ଚାଷ ଜମିଗୁଡିକରେ ପାଣି ଜମି ରହିଛି। ବିଲରେ ପଡ଼ିଥିବା ଧାନ ଗୁଡିକ ନଷ୍ଟ ହେବାକୁ ବସିଛି । ଖଳାରେ ମୁକୁଳା ହୋଇ ପଡିଥିବା ଧାନକୁ ଉଦ୍ଧାର କରିବା ପାଇଁ ବୁଦ୍ଧିବାଟ ଦିଶୁନାହିଁ । ପୂର୍ବରୁ ଯାହାବି ଉଦ୍ଧାର ହୋଇଛି ତାକୁ ବିକିବା ପାଇଁ ବଡସାହିରେ ମଣ୍ଡି ଖୋଲିନାହିଁ । ଉପାୟହୀନ ହୋଇ ବେପାରୀଙ୍କୁ ଶାଗମାଛ ଦରରେ ଧାନ ବିକିବାକୁ ପଡିବ ବୋଲି କଇଁଶାଳୀ ଗ୍ରାମର ଚାଷୀ ରାଧାକୃଷ୍ଣ ଜେନା କହିଛନ୍ତି। ସେହିପରି ଖୁଣ୍ଟାପାଳ ଗ୍ରାମର ଚାଷୀ ରମେଶ ମହାନ୍ତ କୁହନ୍ତି, ବର୍ଷା ପାଗ ଦେଖି ତରବରିଆ ଭାବେ ଧାନ ସବୁ ଘରକୁ ବୋହି ଆଣିଛୁ । ରାସ୍ତା କଡ଼ରେ ଗଦା କରି ଧାନ ଗୁଡିକ ରଖିଥିବା ବେଳେ ଖରାପ ପାଗ ଦେଖି ସେଗୁଡିକ ଅମଳ କରାଯିବ । ତେବେ ବିଭାଗ ସୂତ୍ରରୁ କୌଣସି ସୂଚନା ଦିଆଯାଇ ନ ଥିବାରୁ ଏପରି ଅବସ୍ଥା ଭୋଗିବାକୁ ପଡୁଛି। ସେହିପରି ଦେଉଳିଆ ଗ୍ରାମର ଚାଷୀ ଅଜିତ୍ ମହାପାତ୍ର କୁହନ୍ତି, ତଳିଆ ତଥା ଖାଲୁଆ ଅଞ୍ଚଳରେ କଟା ହୋଇ ପଡିଥିବା ଧାନ ଗୁଡିକ ଗଜା ହେବାର ସମ୍ଭାବନା ରହିଛି । ବର୍ଷା ଯୋଗୁଁ ଟ୍ରାକ୍ଟର କିମ୍ବା ବଳଦ ଗାଡ଼ିରେ ବୋହିବା କଷ୍ଟକର ହୋଇପଡିଛି । କାନ୍ଧରେ ବାହୁଙ୍ଗି ସାହାଯ୍ୟରେ ଧାନ କଳେଇକୁ ଘରକୁ ବୋହି ନେବାକୁ ପଡୁଛି । ସେହିପରି ଭାଗ ଚାଷୀ ଓ ଅଗ୍ରୀମ ଟଙ୍କା ଦେଇ ଚାଷ କରୁଥିବା ଚାଷୀଙ୍କ ଦୁର୍ଦ୍ଦଶା କହିଲେ ନ ସରେ । ଏପରି ସ୍ଥଳେ ବ୍ୟାଙ୍କରୁ ଋଣ କରି ଚାଷ କରିଥିବା ଚାଷୀଙ୍କୁ ଋଣ ପରିଶୋଧ କରିବା କଷ୍ଟକର ହୋଇପଡିବ । ସରକାରୀସ୍ତରରେ ଖୁବଶୀଘ୍ର କ୍ଷତିଗ୍ରସ୍ତ ଚାଷୀଙ୍କ କ୍ଷୟକ୍ଷତିର ଆକଳନ କରାଯାଇ ସହାୟତା ପ୍ରଦାନ କରିବାକୁ ବରିଷ୍ଠ କଂଗ୍ରେସ ନେତା ପ୍ରକାଶ କରମହାପାତ୍ର, ଯୁବ ନେତା ଶଶାଙ୍କ ଶେଖର କର, ପୂର୍ବତନ ବ୍ଲକ ଅଧକ୍ଷ ମନୋରଞ୍ଜନ ବଳ ପ୍ରମୁଖ ଦାବି କରିଛନ୍ତି।

### ସ୍ୱତନ୍ତ୍ର ଜାତୀୟ ସେବା ଶିବିର

କପ୍ତିପଦା,୨୭।୧୨(ଡ଼ି.ଏନ୍.ଏ)

କପ୍ତିପଦା ବ୍ଲକ୍ ଶରତସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଆନୁକୂଲ୍ୟରେ ପୋଷ୍ୟ ଗ୍ରାମ ରାଣୀପୋଖରୀରେ ସ୍ୱତନ୍ତ୍ର ଜାତୀୟ ସେବା ଶିବିର ଉଦ୍‌ଘାଟିତ ହୋଇଯାଇଛି। ସ୍ୱେଚ୍ଛାସେବୀମାନେ ଗ୍ରାମରେ ସ୍ୱଚ୍ଛ ପରିବେଶ ବଜାୟ ରଖିବା ସହିତ ଜଙ୍ଗଲ ସୁରକ୍ଷା, ବର୍ତ୍ତମାନ ଜଳ ସଂକଟର ବିଭୀଷିକାକୁ ମୁକାବିଲା କରିବା ପାଇଁ ଜଳ ସଞ୍ଚୟର ଆବଶ୍ୟକତା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ଏହି ଅବସରରେ ଅନୁଷ୍ଠିତ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଭଗବାନ ପଣ୍ଡା ଅଧ୍ୟକ୍ଷତା କରି ସେବାର ମହତ୍ୱ ଉପରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥିଭାବେ ଲ୍ୟାମ୍ପର ଏମ୍‌ଡ଼ି ରାମଚନ୍ଦ୍ର ସାହୁ, ମୁଖ୍ୟବକ୍ତାଭାବେ ଶ୍ରମିକ ନେତା ତଥା ସମାଜସେବୀ ବଳରାମ ସାହୁ, ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଅଧାପକ ଅଶୋକ କୁମାର ସାହୁ, ୟୁଥ୍ ରେଡ୍‌କ୍ରସର ପରାମର୍ଶଦାତା ଅଧାପକ ମନୋରଞ୍ଜନ ବିହାରୀ, ଅଧାପକ ଶୀତକଣ୍ଠ ଦାସ ପ୍ରମୁଖ ଯୋଗଦେଇ ଜାତୀୟ ସେବା ଶିବିରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ।

# ଉନ୍ନୟନ କାର୍ଯ୍ୟ ଉପରେ ଗୁରୁତ୍ୱ

**ଖୁଣ୍ଟା ପଞ୍ଚାୟତ ସମିତିର ବୈଠକ**

ଖୁଣ୍ଟା,୨୭।୧୨(ଡି.ଏନ୍.ଏ.)



ବୈଠକରେ ଉପସ୍ଥିତ ଜନ ପ୍ରତିନିଧି ଓ ଅଧିକାରୀବୃନ୍ଦ।

ଖୁଣ୍ଟା ପଞ୍ଚାୟତ ସମିତିର ଅଷ୍ଟମ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉନ୍ନୟନ ମୂଳକ ଯୋଜନାର ଅଗ୍ରଗତି ଉପରେ ଆଲୋଚନା ହୋଇଥିଲା । ବ୍ଲକ ଅଧକ୍ଷା ପୁଷ୍ପଲତା ମାର୍ଣ୍ଡିଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ମୟୂରଭଞ୍ଜ ଜିଲା ପରିଷଦ ଅଧକ୍ଷ ସୁଜାତା ମାର୍ଣ୍ଡି ,ବ୍ଲକ ଉପାଧକ୍ଷ ସିଦ୍ଧନାଥ ସୋରେନ ,ବିଡ଼ିଓ ଦେବଦତ୍ତ ପଣ୍ଡା ,ଏବିଡ଼ିଓ ବସନ୍ତ କୁମାର ପୃଷ୍ଟି ଓ ସହକାରୀ ଯନ୍ତ୍ରୀ ଅକ୍ଷୟ ବେହେରାଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟ ଓ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଅଧିକାରୀମାନେ ଉପସ୍ଥିତ ଥିଲେ। ଜିପିଓ ପ୍ରମୋଦ କୁମାର ନାୟକ ପୂର୍ବ ବୈଠକ ବିବରଣୀ ପାଠ କରିଥିଲେ। ବିଶେଷ କରି କୃଷି, ଉଦ୍ୟାନ ଜଳ ସେଚନ ,ସ୍ୱାସ୍ଥ୍ୟ, ଶିକ୍ଷା, ଅଙ୍ଗନୱାଡି ସେବା ଓ ବିଦ୍ୟୁତ ବିଭାଗ ସମ୍ପର୍କରେ ପ୍ରଶ୍ନ ଉଠିଥିଲା। ଖରିଫ ଋତୁରେ ବର୍ଷାର ଅନିୟମିତତା ହେତୁ ଧାନ ଫସଲ ବ୍ୟାପକ କ୍ଷୟକ୍ଷତି ହୋଇଥିବା ବେଳେ ସରକାରଙ୍କ ପକ୍ଷରୁ କ୍ଷତିପୂରଣ ବାବଦରେ କି ବ୍ୟବସ୍ଥା ରହିଛି ବୋଲି ପ୍ରଶ୍ନ ପଚରା ଯାଇଥିଲା। ସେହିପରି ଉଦ୍ୟାନ ବିଭାଗ ପକ୍ଷରୁ ଏହି ବ୍ଲକର ବିଭିନ୍ନ ସ୍ଥାନରେ କରାଯାଇଥିବା କାଜୁ ପ୍ଲାଣ୍ଟେସନ ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହେବାକୁ ଯାଉଛି ବୋଲି ଅଭିଯୋଗ କରାଯାଇଥିଲା। ସିଡିପିଓ ହରପ୍ରିୟା ପାତ୍ର ଅଙ୍ଗନୱାଡି ସେବା ସମ୍ପର୍କରେ ସୂଚନା ଦେଇଥିଲେ। ବୈଠକରେ ଏମଆଇ ଓ ଲିଫ୍ଟ ଇରିଗେସନ ବିଭାଗର କେହି ପ୍ରତିନିଧି ଉପସ୍ଥିତ ନ ଥିବାରୁ ସେମାନଙ୍କୁ ନୋଟିସ ଜାରି କରାଯିବା ପାଇଁ ମତ ପ୍ରକାଶ ପାଇଥିଲା।

### ଖବରଦାତାଙ୍କ ବିୟୋଗରେ ଶୋକସଭା

ବାରିପଦା ଅଫିସ,୨୭।୧୨

ବରିଷ୍ଠ ଖବରଦାତା ପ୍ରଭାତ ଦାଶଙ୍କ ବିୟୋଗରେ ବାରିପଦା ପୌର ପରିଷଦ ଅତିଥି ଭବନଠାରେ ଶୁକ୍ରବାର ମୟୂରଭଞ୍ଜ ଜିଲାର ଖବରଦାତାମାନଙ୍କ ତରଫରୁ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବୀନ୍ଦ୍ର କୁମାର ନାୟକ ବିଶିଷ୍ଟ ଅତିଥିଭାବରେ ଯୋଗଦେଇ ଖବରଦାତାମାନଙ୍କ ସୁରକ୍ଷା ଓ କଲ୍ୟାଣ ପାଇଁ ଉତ୍ସର୍ଗୀକୃତ ଭାବରେ କାର୍ଯ୍ୟ କରୁଥିବା ଓଡ଼ିଶା ଖବରଦାତା ଜଗତର ଜଣେ ଅନନ୍ୟ ସଂଗ୍ରାମୀ ସଂଗଠକଙ୍କୁ ଓଡ଼ିଶା ମାଟି ହରାଇଲା ବୋଲି କହିଥିଲେ। ଅମର ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯିବା ସହିତ ଉପସ୍ଥିତ ସମସ୍ତ ଖବରଦାତାମାନେ ସ୍ୱର୍ଗତଃ ଦାଶଙ୍କ ଫଟୋ ଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଏହି ଶ୍ରଦ୍ଧାଞ୍ଜଳି ସଭାରେ ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ଛପା ଓ ବୈଦ୍ୟୁତିକ ଗଣମାଧ୍ୟମର ଜିଲା ଖବରଦାତା ଅଭିଜିତ ମହାନ୍ତି, ରବିନାରାୟଣ ଚାଲାନ, ସୁବାସ ଚନ୍ଦ୍ର ମହାନ୍ତି, ଅକ୍ଷୟ କୁମାର ଅଗ୍ରୱାଲା, ମାନସ କୁମାର ବେହେରା, ପ୍ରିୟବ୍ରତ ମିଶ୍ର, ଆଶିଷ କୁମାର ଦେ, ମଳୟ କୁମାର ମହାପାତ୍ର, ରାଜକିଶୋର ଦାସ, ମାନିକଲାଲ ପାଣି, ପ୍ରଦୀପ୍ତ ହୋତା ପ୍ରମୁଖ ଯୋଗଦେଇ ଦେଇଥିଲେ।

# ଶୀତକାଳୀନ ଏନ୍‌ଏସ୍‌ଏସ୍ ଶିବିର




ଉତ୍ସର୍ଗୀକୃତ ସେବା ନିମନ୍ତେ ଉଷା ଶତପଥୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବାଙ୍ଗିରିପୋଷି,୨୭।୧୨(ଡି.ଏନ୍.ଏ.)

ସ୍ଥାନୀୟ ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟରେ ଭାରତ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ତଥା ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ଅନୁଦାନରେ ଏନ୍‌ଏସ୍‌ଏସ୍ ସ୍ୱତନ୍ତ୍ର ଶୀତକାଳୀନ ଶିବିର ଆରମ୍ଭ ହୋଇଛି। ମହାବିଦ୍ୟାଳୟ ଅଧକ୍ଷା ଡ. ପୁଷ୍ପା ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବଲାଙ୍ଗିର ଜିଲା ଭୀମଭୋଇ ଭେଷଜ ମହାବିଦ୍ୟାଳୟର ସ୍ନାୟୁଶଲ୍ୟ ବିଭାଗର ପ୍ରାଧାପକ ଡା. ସିଦ୍ଧାର୍ଥ ଶଙ୍କର ପ୍ରଧାନ ଉପସ୍ଥିତ ରହି 'ଯୁବ ସମ୍ପ୍ରଦାୟଙ୍କ ସ୍ୱାସ୍ଥ୍ୟ ସୁରକ୍ଷା'ସମ୍ବନ୍ଧରେ ଉଦ୍‌ବୋଧନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ସଂଯୋଜିକା ଉଷା ଶତପଥୀ ଯୋଗଦେଇ ଶିବିରାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ମହାବିଦ୍ୟାଳୟର ଯୁବ ରେଡକ୍ରସ ପରାମର୍ଶଦାତା ଅଧାପକ ରତିକାନ୍ତ ବେହେରା ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ସଂଗଠିତ ଓ ଶୃଙ୍ଖଳିତ ହେବାକୁ ପରାମର୍ଶ ଦେଇଥିଲେ । ପ୍ରାରମ୍ଭରେ କାର୍ଯ୍ୟକ୍ରମ ଅଧିକାରୀ ହିରଣ୍ମୟୀ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିବିରାର୍ଥୀ ତାପସ କୁମାର ଗିରି ଶିବିର ଆୟୋଜନର ଆଭିମୁଖ୍ୟ ରଖିଥିଲେ। ସେବା ଯୋଜନା ସଂଯୋଜିକା ଉଷା ଶତପଥୀଙ୍କୁ ଉତ୍ସର୍ଗୀକୃତ ସେବା ନିମନ୍ତେ ସମ୍ବର୍ଦ୍ଧିତ କରାଯାଇଥିଲା। ଅଶୋକ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଶିବିରାର୍ଥୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଶୂଳିଆପଦା ବୈଦ୍ୟ ସଂଘର ବୈଠକ

କୋଷ୍ଟା,୨୭।୧୨(ଡ଼ି.ଏନ୍.ଏ)



ବୈଠକରେ ଯୋଗ ଦେଇଥିବା ବୈଦ୍ୟ ସଂଘର କର୍ମକର୍ତ୍ତା।

ଶୂଳିଆପଦା ବ୍ଲକ ଅଧୀନ କେଉଟୁଣିମାରୀ ଗ୍ରାମରେ ପାରମ୍ପରିକ ବୈଦ୍ୟ ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। କେଶବ ଚନ୍ଦ୍ର ପାରମ୍ପରିକ ବୈଦ୍ୟ ସଂଘର ସଭାପତି ମଧୁସୂଦନ ବାରିକ ବୈଠକରେ ସଭାପତିତ୍ୱ କରିଥିଲେ। ଏଥିରେ ଅଞ୍ଚଳର ପାରମ୍ପରିକ ବୈଦ୍ୟ ବଳଭଦ୍ର ସିଂ, ଆନନ୍ଦ କୁମାର ଗିରି, କାଳିଚରଣ ସି, କ୍ଷୀତିଶ ଚନ୍ଦ୍ର ମହାନ୍ତ, ଜନ୍ମେଜୟ ମହାନ୍ତ, ମିନତୀ ସିଂ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟଅତିଥିଭାବେ ଦେଉଳି ବନାଞ୍ଚଳ ଅଧିକାରୀ ଯୋଗଦେଇ ଜଙ୍ଗଲରେ ବଢୁଥିବା ବିବିଧ ପ୍ରକାର ବୃକ୍ଷଲତାରେ ଔଷଧୀୟ ଗୁଣ ଭରି ରହିଛି । ଏହାକୁ ଚିହ୍ନି କାମରେ ଲଗାଇଲେ ଏହା ଆମ ଜୀବନ ରକ୍ଷା କରି ପାରିବ, ତେଣୁ ଜଙ୍ଗଲର କ୍ଷୟକ୍ଷତି ନ କରି ନୂତନ ଜଙ୍ଗଲ ସୃଷ୍ଟି କରିବା ପାଇଁ ସମସ୍ତେ ଆଗେଇ ଆସିବା ଉଚିତ ବୋଲି ଆହ୍ୱାନ ଦେଇଥିଲେ । ଏହି ଅବସରରେ ଶୂଳିଆପଦା ଶାଖା ବୈଦ୍ୟ ସଂଘର ସଭାପତି ଭାବେ ଜନ୍ମେଜୟ ମହାନ୍ତ, ସମ୍ପାଦକ ଭାବେ କ୍ଷୀତିଶ ଚନ୍ଦ୍ର ମହାନ୍ତ, ତଥା ସଦସ୍ୟ ଭାବେ କମଳା ମହାନ୍ତ ଓ ମିନତୀ ସିଂଙ୍କୁ ମନୋନୀତ କରାଯାଇଥିଲା । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସୁବୋଧ ମହାନ୍ତ, ହରେନ୍ଦ୍ର ମୋହନ ସି ପ୍ରମୁଖ ଉପସ୍ଥିତ ଥିଲେ ।

### ନବନିଯୁକ୍ତ ଅଧାପିକାଙ୍କୁ ସ୍ୱାଗତ

କପ୍ତିପଦା,୨୭।୧୨(ଡ଼ି.ଏନ୍.ଏ)

ମେଘାସନ ମହାବିଦ୍ୟାଳୟ ସଭାଗୃହ ଠାରେ ଓଡ଼ିଶା ସରକାରଙ୍କର ଷ୍ଟାଫ୍ ସିଲେକସନ୍ ବୋର୍ଡ ଦ୍ୱାରା ନବ ନିଯୁକ୍ତ ଅଧାପିକାମାନଙ୍କର ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧକ୍ଷ ଡ. ଫକୀର ଚରଣ ବେହେରା କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦର୍ଶନ ବିଭାଗର ବରିଷ୍ଠ ଅଧାପକ ତଥା ପ୍ରଶାସନିକ ଅଧିକାରୀ ଡ. ରମେଶ ଚନ୍ଦ୍ର ନାୟକ ସୋମାନଙ୍କୁ ସ୍ୱାଗତ କରିଥିଲେ।

### ■ଜିଲାସ୍ତରୀୟ ଓଷ୍ଟା ଶିଶୁମେଳା

# କପ୍ତିପଦା ବ୍ଲକ ଛାତ୍ରୀଛାତ୍ରଙ୍କ ସଫଳତା

କପ୍ତିପଦା,୨୭।୧୨(ଡ଼ି.ଏନ୍.ଏ)

ଓଡ଼ିଶା ମାଧ୍ୟମିକ ସ୍କୁଲ୍ ଶିକ୍ଷକ ସଂଘ (ଓଷ୍ଟା) ଦ୍ୱାରା ପରିଚାଳିତ ୩୮ତମ ଜିଲାସ୍ତରୀୟ ଶିଶୁ ମେଳାରେ କପ୍ତିପଦା ବ୍ଲକ୍‌ର ଛାତ୍ରୀଛାତ୍ରମାନେ ଭାଗ ନେଇ ସଫଳତା ଅର୍ଜନ କରିଛନ୍ତି। ସରକାରୀ ଉଚ୍ଚ ବିଦ୍ୟାଳୟ, ବାସିପିଠାଠାରେ ଅନୁଷ୍ଠିତ ୨ଦିନିଆ କାର୍ଯ୍ୟକ୍ରମରେ କପ୍ତିପଦା ବ୍ଲକ୍ ପଦ୍ମପୋଖରୀ ଉପେନ୍ଦ୍ରନାଥ ଉଚ୍ଚ ବିଦ୍ୟାଳୟର ଟୁନା ମୁର୍ମୁ ଚିତ୍ରାଙ୍କନରେ ପ୍ରଥମ ଏବଂ ବଡ଼ଖଲାଡ଼ି ଜବାହରଲାଲ ଉଚ୍ଚ ବିଦ୍ୟାଳୟର ବିଜୟଲକ୍ଷ୍ମୀ ରାଉଳ ସହିଦ ସ୍ମୃତି ଭବନଠାରେ ୨୭ ତାରିଖରେ ହେବାକୁ ଥିବା ରାଜ୍ୟସ୍ତରୀୟ ଶିଶୁ ଉତ୍ସବରେ ଅଂଶଗ୍ରହଣ କରିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଗାଇଡ୍ ଶିକ୍ଷକଭାବେ କପ୍ତିପଦା ଓଷ୍ଟାର ଯୁଗ୍ମ ସମ୍ପାଦକ ଦିଲ୍ଲୀପ କୁମାର ଚକ୍ରବର୍ତ୍ତୀ ଏବଂ ପ୍ରଜ୍ଞା ପରମିତା ମହାଲିକଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନେ ଏହି ଶିଶୁ ମେଳାରେ ଭାଗ ନେଇଥିଲେ।

# 'କ୍ରୀଡ଼ା ଦ୍ୱାରା ଛାତ୍ରୀଛାତ୍ର ଭବିଷ୍ୟତ ଗଢିପାରିବେ'

କପ୍ତିପଦା,୨୭।୧୨(ଡ଼ିଏନ୍ଏ)



କ୍ରୀଡ଼ା ଉତ୍ସବ ଉଦ୍‌ଘାଟନ ସମୟରେ ଉପସ୍ଥିତ ଅତିଥିମାନେ।

କପ୍ତିପଦା ମହାବିଦ୍ୟାଳୟ ନୂଆସାହିର ବାର୍ଷିକ କ୍ରୀଡ଼ା ଉତ୍ସବ ଶୁକ୍ରବାର ଆରମ୍ଭ ହୋଇଛି। ମହାବିଦ୍ୟାଳୟର ଖେଳ ଶିକ୍ଷକ ରାମକୃଷ୍ଣ ମହାକୁଡ଼ଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କ୍ରୀଡା ଉତ୍ସବକୁ ଅଧକ୍ଷ ଡ.ଚନ୍ଦ୍ରକୁମାର ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପାଠପଢା ସହିତ ଛାତ୍ରଛାତ୍ରୀମାନେ ଶାରୀରିକ ଶିକ୍ଷାକୁ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ସେ ମତ ଦେଇଥିଲେ । ଖେଳ ପ୍ରତ୍ୟେକଙ୍କୁ ଉଭୟ ଶାରୀରିକ ଏବଂ ମାନସିକସ୍ତରରେ ସକ୍ଷମ ରଖିଥାଏ । ଏବେ କ୍ରୀଡା ଦ୍ୱାରା ଛାତ୍ରଛାତ୍ରୀମାନେ ନିଜର ଭବିଷ୍ୟତ ଗଢିପାରିବେ ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ଭାବେ ପ୍ରାଧାପକ କମଳାକାନ୍ତ ବୁଗୁଡେଇ ଅଭିଭାଷଣ ପ୍ରଦାନ କରିଥିଲେ। ଡ. ଶ୍ରୀହରି ପଣ୍ଡା ପ୍ରତିଯୋଗୀମାନଙ୍କୁ ଶାନ୍ତିଶୃଙ୍ଖଳା ରକ୍ଷା କରି ତଥା ଖେଳର ନୀତିନିୟମ ମାନି ଉଚ୍ଚମାନର କ୍ରୀଡା ପ୍ରଦର୍ଶନ କରିବାକୁ ଉତ୍ସାହିତ କରିଥିଲେ । ଦୁଇଦିନ ଧରି ଏହି କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହେବ।

# ବେକାରଙ୍କୁ ନିଯୁକ୍ତି ଦାବିରେ ତେଜୁଛି ଆନ୍ଦୋଳନ

**■ଫେବୃୟାରୀ ପହିଲାରୁ ବେକାରି ମୁକ୍ତ ମୟୂରଭଞ୍ଜ ଯାତ୍ରା**

**■ସମର୍ଥନ ଜୁଟାଇବା ପାଇଁ ଜିଲା ପରିକ୍ରମା କରିବ ସଚେତନତା ରଥ**

ବାରିପଦା ଅଫିସ,୨୭।୧୨

ପ୍ରାକୃତିକ ସମ୍ପଦ ତଥା ଖଣି ଖାଦାନରେ ଭରା ମୟୂରଭଞ୍ଜ ଜିଲା ଏକଦା ସମଗ୍ର ରାଜ୍ୟକୁ ଶିଳ୍ପ ପାଇଁ କଞ୍ଚାମାଲ ଯୋଗାଇ ଆସୁଥିଲା। ତେବେ ଏହି ଜିଲା ଏବେ ଶିଳ୍ପ ହୀନ ହୋଇ ଥିବାରୁ ଜିଲାର ଶିକ୍ଷିତ ଯୁବତୀଯୁବକମାନେ ରୋଜଗାର ନ ପାଇ ବେକାର ହୋଇ ବସି ରହିଛନ୍ତି। ଜିଲାରେ ପର୍ଯ୍ୟଟନ ଶିଳ୍ପର ବିକାଶ, ଆର୍ଥିକ ମାନଦଣ୍ଡର ଅଭିବୃଦ୍ଧି, ବନ୍ୟଜାତ ଦ୍ରବ୍ୟର ଉଚିତ ବ୍ୟବସାୟୀକରଣ ଏବଂ ଜିଲାର ସଂସ୍କୃତି, ପରମ୍ପରା ଓ ଐତିହ୍ୟର ପ୍ରଚାର ଓ ପ୍ରସାର ପାଇଁ ଦୀର୍ଘଦିନ ହେବ ଜିଲାର ବିଭିନ୍ନ ସଂଗଠନ ଦାବି କରି ଆସୁଛନ୍ତି। ଏହି ସବୁ ଦିଗକୁ ଗୁରୁତ୍ୱ ଦେଲେ ଜିଲାର ବେକାର ଯୁବତୀଯୁବକ ଏଠାରେ ନିଯୁକ୍ତି ପାଇବେ। ହେଲେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଉ ନାହାନ୍ତି ବୋଲି ସଂଗଠନମାନେ ଅଭିଯୋଗ କରିଆସୁଛନ୍ତି। ସମଗ୍ର ଜିଲାବାସୀଙ୍କ ସମର୍ଥନ ନେଇ ଏହି ଆନ୍ଦୋଳନକୁ ତୀବ୍ରତର କରିବା ସହିତ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉପରେ ଚାପ ପକାଇବା ପାଇଁ ଏକ ବିରାଟ ଜନ ଆନ୍ଦୋଳନ ମୁଣ୍ଡ ଟେକିଛି। ଏଥିପାଇଁ ପ୍ରଥମ ପଦକ୍ଷେପ ସଦୃଶ ଆସନ୍ତା ଫେବୃୟାରୀ ପହିଲାରୁ ବେକାରି ମୁକ୍ତ ମୟୂରଭଞ୍ଜ ଯାତ୍ରା ଆରମ୍ଭ ହେବ। ଏହି ଯାତ୍ରାରେ ଏକ ସଚେତନତା ରଥ ସମଗ୍ର ମୟୂରଭଞ୍ଜ ପରିକ୍ରମା କରି ଲୋକଙ୍କ ସମର୍ଥନ ଜୁଟାଇବ। ପରବର୍ତ୍ତୀ ସମୟରେ ଏକ ବିରାଟ ଜନ ଆନ୍ଦୋଳନ କରାଯିବା ନେଇ ନିଷ୍ପତ୍ତି ନିଆଯାଇଛି।

ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଏକ କମିଟି ଗଠନ କରାଯାଇଛି। ଏଥିରେ ଯୁବ ନେତା କଳିଙ୍ଗ କେଶରୀ ଜେନାଙ୍କୁ ଆବାହକ ଏବଂ ଯୁବ ସଂଗଠକ ପିଣ୍ଟୁ ମାଇତିଙ୍କୁ ସହଆବାହକ ଓ ସୋସିଆଲ ମିଡିଆ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ସଂଗଠନ ସମ୍ପାଦକ ତଥା ମୁଖପାତ୍ର ଭାବେ ରାକେଶ ସିଂ ଓ ସଂଯୋଜକ ଭାବେ ଜବା ଟୁଡୁଙ୍କୁ ଚୟନ କରାଯାଇଥିବା ବେଳେ ଅନ୍ୟ ସହଆବାହକ ଭାବେ ଆରତୀ ବିଶ୍ୱାଳ, ଦୀପକ ମହାନ୍ତେ, ସାଙ୍ଗ ମୁର୍ମୁ, ଜୁମ୍ପି ସିଂ ପୂର୍ତ୍ତି, ଭିକ୍ତିକା ମାରାଣ୍ଡି ଓ ସତ୍ୟବତୀ ଟୁଡୁଙ୍କୁ ଚୟନ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ଜିଲାର ଅଗ୍ରଣୀ ଯୁବ ଛାତ୍ର ସଂଗଠନ ଭଞ୍ଜସେନା,ଦଳିତ ଆଦିବାସୀ ମହାସଂଘ ସମେତ ବିଭିନ୍ନ ସଂଗଠନ ସମର୍ଥନ ଜଣାଇ ସାରିଛନ୍ତି। ଏହି ଯାତ୍ରାକୁ ତୃଣମୂଳସ୍ତରରୁ ସମର୍ଥନ ଜଣାଇ ଆଗାମୀ ଜନ ଆନ୍ଦୋଳନ ପାଇଁ ସହଯୋଗ କରିବାକୁ ମୁଖପାତ୍ର ରାକେଶ ସିଂ ଜିଲାବାସୀଙ୍କୁ ଅନୁରୋଧ କରିଛନ୍ତି।

# ୫୦ବର୍ଷ ବିତିବା ସତ୍ତ୍ୱେ ଘୁଞ୍ଚିନି ବିସ୍ଥାପିତଙ୍କ ଦୁର୍ଦ୍ଦଶା

- ସେମାନଙ୍କ ଲାଗି ମୌଳିକ ସୁବିଧା ଅପହଞ୍ଚ
- ବିଜୁଳି ସାତସପନ
- ହୁଲି ଡଙ୍ଗା ସାଜିଛି ଗମନାଗମନର ମାଧ୍ୟମ

**ଶୁଭକାନ୍ତ ନାୟକ**
**ହାଟଡିହୀ, ୨୭।୧୨**

ସାଳନ୍ଦୀ ନଦୀରେ ହଦଗଡ ଡ୍ୟାମ ନିର୍ମାଣ ବେଳେ ବିସ୍ଥାପିତ ହୋଇଥିବା ଲୋକଙ୍କ ଦୁଃଖ ଏଯାଏ ଦୂର ହୋଇନି। ଏହାମଧ୍ୟରେ ୫୦ରୁ ଅଧିକ ବର୍ଷ ବିତିଗଲାଣି। ସେମାନଙ୍କୁ ନା ମିଳିଛି କ୍ଷତିପୂରଣ ନା ଥଇଥାନ ସୁବିଧା। ବିସ୍ଥାପିତ ଲୋକେ ହାଟଡିହୀ ବ୍ଲକଠାରୁ ପ୍ରାୟ ୪୦ କି.ମି. ଦୂର ବଣପାହାଡ ଘେରା ଆଦିବାସୀ ଅଧ୍ୟୁଷିତ କେ.ବାଲିପାଳ (କଅଁଳେଇ ବାଲିପାଳ) ପଞ୍ଚାୟତ ଅଞ୍ଚଳରେ ବସତି ସ୍ଥାପନ କରି ରହୁଛନ୍ତି। ଏହି ପଞ୍ଚାୟତ ଅଧୀନ ମୟୂରନଚା ଗ୍ରାମର ୨ଟି ୱାର୍ଡରେ ୧୫୦ ପରିବାର, କେବାଲିପାଳ ଗ୍ରାମର ଗୋଟିଏ ୱାର୍ଡରେ ୯୦ ପରିବାର, ରାଇଘାଟି ଗ୍ରାମର ୩ଟି ୱାର୍ଡରେ ୨୦୦ ପରିବାର, ସରମୁଣ୍ଡି ଗ୍ରାମ ୧ଟି ୱାର୍ଡରେ ୫୦ ପରିବାର, ଭଅଁରା ଗ୍ରାମ ୧ଟି ୱାର୍ଡରେ ୯୦ ପରିବାର, ମଲ୍ଲିପଶି ଗ୍ରାମ ୧ଟି ୱାର୍ଡରେ ୧୫୦ ପରିବାର, ନୂଆବାଲିପାଳ ଗ୍ରାମ ୨ଟି ୱାର୍ଡରେ ୧୫୦ ପରିବାର ଅସହାୟ ଅବସ୍ଥାରେ ବସବାସ କରି ରହୁଛନ୍ତି।

୧୯୬୫ ମସିହାରେ ସାଳନ୍ଦୀ ନଦୀରେ ଡ୍ୟାମ ନିର୍ମାଣ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇ ୧୯୭୦ରେ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା । ସେତେବେଳେ ମୟୂରନଚା, କେବାଲିପାଳ, ସରମୁଣ୍ଡି, ମଲ୍ଲିପଶି, ଭଅଁରା ପ୍ରଭୃତି ୫ଟି ଗ୍ରାମକୁ ବୁଡି ଅଞ୍ଚଳ ଭାବେ ଘୋଷଣା କରାଯାଇଥିଲା । ଏସବୁ ଗାଁର ୫୦୦ରୁ ଊର୍ଦ୍ଧ୍ୱ ପରିବାର ବିସ୍ଥାପିତ ହୋଇଥିଲେ । ସେମାନେ ବୁଡି ଅଞ୍ଚଳ ଛାଡି ଆଖପାଖ ଜଙ୍ଗଲରେ ବସବାସ କରିବା ଆରମ୍ଭ କରିଥିଲେ। ସେବେଠାରୁ ଏସବୁ ବିସ୍ଥାପିତ ପରିବାର ମୌଳିକ ସୁବିଧାରୁ ବଞ୍ଚିତ ହୋଇ ଅସହାୟ ଅବସ୍ଥାରେ ଭଙ୍ଗା କୁଡିଆରେ ବସବାସ କରି ଆସୁଛନ୍ତି। ଗମନାଗମନ, ପାନୀୟ ଜଳ ଭଳି ସୁବିଧା ହୋଇ ନାହିଁ । ବିଦ୍ୟୁତ୍ ସାତସପନ ପାଲଟିଛି । ଶିକ୍ଷା, ସ୍ୱାସ୍ଥ୍ୟ ସେବାଠାରୁ ଦୂରରେ ଥିବା ଏହି ବିସ୍ଥାପିତ ଲୋକେ ଡଙ୍ଗାରେ ସାଳନ୍ଦୀ ନଦୀ ପାର ହୋଇ ଯାତାୟାତ କରିଥାନ୍ତି। ପୂର୍ବରୁ ମଲ୍ଲିପଶି ଗ୍ରାମର ୨ ଜଣ ବିସ୍ଥାପିତ ହୁଲି ଡଙ୍ଗାରେ ନଦୀ ପାର ହେବା ବେଳେ ବୁଡିଯାଇ ପ୍ରାଣ ହରାଇଥିଲେ । ସ୍ଥଳ ପଥରେ ଯିବାକୁ ହେଲେ ସେମାନେ ପଡୋଶୀ ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା କିମ୍ବା ବାଲେଶ୍ୱର ଜିଲାର ଔପଦା ଦେଇ ଦୀର୍ଘ ୧୦୦ ରୁ ଊର୍ଦ୍ଧ୍ୱ କି.ମି. ରାସ୍ତା ବୁଲି ବ୍ଲକ କାର୍ଯ୍ୟାଳୟକୁ ଯାଇଥାନ୍ତି। ବର୍ଷର ଅଧିକାଂଶ ସମୟରେ ଏହି ଲୋକେ ନାଳ ଓ ଝରଣା ପାଣି ବ୍ୟବହାର କରିଥାନ୍ତି। ପ୍ରଶାସନ ପକ୍ଷରୁ ଏକ କୂଅ ଉପରେ ବସା ଯାଇଥିବା ନଳକୂପ ଅଧିକାଂଶ ସମୟରେ ଅଚଳ ହୋଇରହୁଛି।


ବିସ୍ଥାପିତଙ୍କ ଭଙ୍ଗା କୁଡ଼ିଆ ଘର।

ହଦଗଡ ଡ୍ୟାମ ବିସ୍ଥାପିତ ଲୋକେ ଥଇଥାନ ସାଙ୍ଗକୁ କ୍ଷତିପୂରଣ ଓ ବିଭିନ୍ନ ମୌଳିକ ସୁବିଧା ପାଇବା ଲାଗି ଦୀର୍ଘବର୍ଷ ଧରି ଦାବି କରି ଆସିବା ପରେ ବ୍ଲକ ତରଫରୁ ରାଇଘାଟି, ମଲ୍ଲିପଶି ଓ ତଅଁଳଠାରେ ୩ଟି ଯୋଗାଣ ସାମଗ୍ରୀ କେନ୍ଦ୍ର ଖୋଲାଯାଇଛି। ପୂର୍ବରୁ ସେମାନେ ଜଳ ପଥରେ ଆସି ଯୋଗାଣ ସାମଗ୍ରୀ ନେଉଥିଲେ। ୨୦୧୨-୧୩ ରେ କେବଳ ମୟୂରନଚା ଗ୍ରାମର ୨୩ ପରିବାରକୁ ଜଙ୍ଗଲ ଜମି ପଟ୍ଟା ଓ ଇନ୍ଦିରାଆବାସ ଗୃହ ପ୍ରଦାନ କରାଯାଇଥିବା ବେଳେ ଭଅଁରା ଗ୍ରାମର ପ୍ରାୟ ୨୫ ପରିବାରକୁ ରାଇଘାଟି ଗାଁରେ ରାଜସ୍ୱ ବିଭାଗ ୪ ଡେସିମିଲ ଲେଖାଏ ଜାଗା ଦେଇଛି । ଉପଯୁକ୍ତ ଥଇଥାନ ସୁଯୋଗରୁ ବଞ୍ଚିତ ଏହି ଲୋକେ କୌଣସି କର୍ମ ନିୟୋଜନ ପନ୍ଥା ନ ପାଇ ଏବେ ମଧ୍ୟ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ଗୁଜରାଣ ମେଣ୍ଟାଉଛନ୍ତି। ଏ ସମ୍ପର୍କରେ ବ୍ଲକ କାର୍ଯ୍ୟନିର୍ବାହୀ ଅଧିକାରୀ ଜିତେନ୍ଦ୍ର ଜେନାଙ୍କୁ ପଚାରିବାରୁ କହିଛନ୍ତି, ବିସ୍ଥାପିତଙ୍କ ଥଇଥାନ ଲାଗି ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ବାଲିପାଳ, ମୟୂରା, ଭଅଁରା, ରାଇଘାଟି ଗ୍ରାମବାସୀଙ୍କ ପାଇଁ ପଞ୍ଚାୟତ ନିକଟରେ ଏକ ଯୋଗାଣ ସାମଗ୍ରୀ କେନ୍ଦ୍ର ଖୋଲାଗଲେ ସୁବିଧା ହୋଇପାରନ୍ତା ବୋଲି ସେ ମତବ୍ୟକ୍ତ କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗର୍ଭଧାରିଣୀ ଆଉ କ୍ଷୀର ଦିଆ**
**ଗୁରୁପତ୍ନୀ ଆଉ ସାବତ ମାଆ**
**ମାଈ, ବ୍ରାହ୍ମଣୀ ଧାଈ ଆଉ ଗାଈ**
**ଶାସ୍ତ୍ରେ ଏମାନଙ୍କୁ ଜନନୀ କହି ।**

ଯିଏ ସନ୍ତାନଙ୍କୁ ଗର୍ଭରେ ଧାରଣ କରିଥାଏ, କ୍ଷୀରପାନ କରାଇଥାଏ ସେ ମା' ହୋଇଥାଏ। ଗୁରୁଙ୍କ ପତ୍ନୀ, ସାବତ ମାଆ, ମାଈଁ ତଥା ଧାଈ ଏ ସମସ୍ତେ ମାତୃତୁଲ୍ୟ ହୋଇଥାନ୍ତି। ସେହିପରି ଗାଈକୁ ଗୋମାତା ଭାବେ ପୂଜା କରାଯାଇଥାଏ। ଶାସ୍ତ୍ର ମତରେ ଏମାନେ ଜନନୀ ପଦବାଚ୍ୟ ବୋଲାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଗୋଠ ସୁସାର ଥିଲେ**
**ଗାଈ ହମାଳି ପଶେ ।**

ଯେଉଁଠି ସ୍ନେହ ଆଦର ଭାବ ରହିଥାଏ ସେଇଠି ମନ ଅକ୍ଲେଶରେ ବା ଆପଣାଛାଏଁ ବାନ୍ଧି ହୋଇଯାଇଥାଏ। ଅନାବିଳ ସ୍ନେହ ଶ୍ରଦ୍ଧା ପାଶେ ମନ ବନ୍ଧା ପଡ଼ିଯାଇଥାଏ। ଆଦର ଯତ୍ନ ପାଇଲେ ଲୋକେ ସେଠାକୁ ପୁଣି ଆସିବାକୁ ମନ ବଳାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

## ବେନିୟମ ଚିପ୍ସ ବୋଝେଇ ୨ ହାଇୱା ଜବତ


ଜବତ ହାଇୱା ଟ୍ରକ ।

**ଝୁମ୍ପୁରା, ୨୭।୧୨ (ଡି.ଏନ.ଏ.)**

କେନ୍ଦୁଝର ଜିଲା ଦେଇ ଯାଇଥିବା ୨୦ନଂ. ଜାତୀୟ ରାଜପଥ ଝୁମ୍ପୁରା ଥାନା ନିକଟରେ ପୋଲିସ ଶୁକ୍ରବାର ବେନିୟମ ଭାବେ ପଥର ଚିପ୍ସ ବୋଝେଇ ୨ଟି ହାଇୱା ଟ୍ରକକୁ ଜବତ କରିଛି। ଝୁମ୍ପୁରା ତହସିଲ ଅଞ୍ଚଳରେ ବେନିୟମ ଭାବେ ଲଘୁ ଖଣିଜ ବାଲି, ପଥର, ମୋରମ ଚାଲାଣ ହେଉଥିବା ପୂର୍ବରୁ ଝୁମ୍ପୁରା ଥାନା ଏବଂ ଝୁମ୍ପୁରା ତହସିଲରେ ଅଭିଯୋଗ ହୋଇ ଆସୁଥିଲା। କୌଣସି ସୂତ୍ରରୁ ଖବର ପାଇ ଝୁମ୍ପୁରା ଥାନାଧିକାରୀ ବିରଞ୍ଚି ବାଗ ଚଢାଉ କରି ଚିପସ୍ ବୋଝେଇ ୨ଟି ହାଇୱା ଟ୍ରକ (ନଂ ଓଡି୦୯ଜି -୮୦୧୮, ବି ଆ । ର ୨ ୪ ଜି ଏ - ୨ ୯ ୮ ୯ )କୁ ଧରିଥିଲେ। ପଚରାଉଚରା ପରେ ଝୁମ୍ପୁରା ତହସିଲକୁ ଟ୍ରକ ଦୁଇଟି ହସ୍ତାନ୍ତର କରାଯାଇଛି। ବର୍ତ୍ତମାନ ଝୁମ୍ପୁରାରେ କେହି ତହସିଲଦାର ନ ଥିବାରୁ ତହସିଲ ସୁପରଭାଇଜର ଭୁବନାନନ୍ଦ ନାଏକ ଟ୍ରକ ୨ଟିର କାଗଜପତ୍ର ଯାଞ୍ଚ କରିଛନ୍ତି। ସେଥିରେ କାଗଜପତ୍ର ଭୁଲ ଥିବା ଜଣାପଡିବାରୁ ନିୟମ ଅନୁଯାୟୀ ଏହି ହାଇୱା ଟ୍ରକ ଦ୍ୱୟରୁ ଜରିମାନା ଆଦାୟ କରାଯିବ ବୋଲି ସୁପରଭାଇଜର ସୂଚନା ଦେଇଛନ୍ତି।

## ଅବହେଳିତ ଅବସ୍ଥାରେ ଅନେକ ଅନାଥ ଓ ଅସହାୟ ଶିଶୁ

**କେନ୍ଦୁଝର, ୨୭।୧୨(ସ୍ୱ.ପ୍ର.)**

କେନ୍ଦୁଝର ଜିଲାର ଖଣିଖାଦାନ ବହୁଳ ଯୋଡା, ବଡବିଲ ଓ ଆଦିବାସୀ ଅଧ୍ୟୁଷିତ ବାଂଶପାଳ ବ୍ଲକରେ ବହୁ ଅନାଥ ଓ ଅସହାୟ ଶିଶୁ ଅବହେଳିତ ଅବସ୍ଥାରେ ଜୀବନ ବିତାଉଛନ୍ତି। ସେମାନଙ୍କୁ ଉଦ୍ଧାର କରି ଥଇଥାନ କରିବା ଦିଗରେ ଆଖିଦୃଶିଆ ପଦକ୍ଷେପ ନିଆଯାଉ ନାହିଁ । ଅନାଥ ଓ ଅସହାୟ ଶିଶୁଙ୍କ ସୁରକ୍ଷା ଲାଗି ଜିଲାର ୬ଟି ସଂସ୍ଥା ପକ୍ଷରୁ ୮ଟି ଚାଇଲଡ କେୟାର ଇନ୍ଷ୍ଟିଚ୍ୟୁଶନ (ସିସିଆଇ) ରହିଛି। ଏସବୁ ସଂସ୍ଥାରେ ୬ ରୁ ୧୮ ବର୍ଷର ଅସହାୟ, ଅନାଥ ଶିଶୁ ରହୁଛନ୍ତି । ସେମାନଙ୍କ ଯତ୍ନ ନେବା ସହ ସ୍ୱାବଲମ୍ବୀ କରି ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ଏହାର ମୁଖ୍ୟ ଆଭିମୁଖ୍ୟ । କିନ୍ତୁ ଜିଲାର ଖଣିଖାଦାନ ଭରା ଅଞ୍ଚଳରେ ଏଯାଏ କେଉଁଠି ହେଲେ ଏହି ସଂସ୍ଥା ଖୋଲି ନାହିଁ । ସେହିପରି ଉପଯୁକ୍ତ ତଦାରଖ ଓ ସମୀକ୍ଷା ଅଭାବରୁ କେତେକ ସିସିଆଇ ଠିକ୍‌ଭାବେ କାର୍ଯ୍ୟ କରୁ ନ ଥିବା ଅଭିଯୋଗ ହେଉଛି।

ଶିଶୁଙ୍କ ଲାଗି ଉଦ୍ଦିଷ୍ଟ ୬ ସଂସ୍ଥା ମଧ୍ୟରୁ କେନ୍ଦୁଝର ଟାଉନରେ ୩, ହାଟଡିହ ଓ ତେଲକୋଇରେ ଗୋଟିଏ ଏବଂ ଘଷିପୁରାରେ ୨ଟି ସିସିଆଇ ସଂସ୍ଥା ରହିଛି। ପ୍ରତ୍ୟେକ ସିସିଆଇରେ ଶିଶୁଙ୍କ ଯତ୍ନ ନେଉଥିବା ୬ ଜଣ ଆୟା ରହିବା କଥା । କିନ୍ତୁ କେତେକ ସଂସ୍ଥାରେ ଆବଶ୍ୟକ ସଂଖ୍ୟକ ଆୟା ନ ଥିବାରୁ ଶିଶୁଙ୍କ ଯତ୍ନ ଠିକ୍ ଭାବେ ନିଆଯାଇପାରୁ ନାହିଁ। ଏସବୁ ସଂସ୍ଥାକୁ ଆସୁଥିବା ଅନାଥ ଶିଶୁମାନେ ପରବର୍ତ୍ତୀ ସମୟରେ ବଡ ହୋଇ କୁଆଡେ ଯାଉଛନ୍ତି ତାହାର ତଥ୍ୟ ପ୍ରଶାସନ ପାଖରୁ ମିଳୁନାହିଁ । ସିସିଆଇ ସଂସ୍ଥା ଛାଡୁଥିବା ପିଲାଙ୍କ ସମ୍ପର୍କରେ ପ୍ରଶାସନ ତଥ୍ୟ ରଖିବା ଆବଶ୍ୟକ ବୋଲି ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ କୁମରମଣି ତନ୍ତୀ କହିଛନ୍ତି । ଅସହାୟ ଶିଶୁଙ୍କୁ ନେଇ ସର୍ଭେ ଓ ଯାଞ୍ଚ କରାଗଲେ ଅନେକ ତଥ୍ୟ ପଦାକୁ ଆସିପାରନ୍ତା ବୋଲି ସାମାଜିକ କର୍ମୀ ପ୍ରଦୀପ ମହାନ୍ତି କହିଛନ୍ତି । ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ ଡ. ଭକ୍ତଚରଣ ପ୍ରଧାନଙ୍କୁ ପଚାରିବାରୁ କହିଛନ୍ତି, ଅସହାୟ ଶିଶୁଙ୍କ ଯନ୍ ନେବା ବ୍ୟବସ୍ଥାର ଉପଯୁକ୍ତ ତଦାରଖ କରାଯାଉଛି। କୌଣସି ସ୍ଥାନରେ ଶିଶୁ ନିର୍ଯାତନା ଅଭିଯୋଗ ଆସିଲେ ତତ୍‌କ୍ଷଣାତ ପଦକ୍ଷେପ ନିଆଯାଉଛି । ଏନେଇ ଜିଲା ଶିଶୁ ସୁରକ୍ଷା ଅଧିକାରିଣୀ ଦେବାଙ୍ଗନା ବାରିକଙ୍କୁ ପଚାରିବାରୁ ସେ ମଧ୍ୟ ଅନୁରୂପ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

## ପାଟଣା ରେଞ୍ଜରେ ହାତୀପଲଙ୍କ ଉପଦ୍ରବ

**ପାଟଣା,୨୭।୧୨(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ରେଞ୍ଜ ଅନ୍ତର୍ଗତ ଅଟେଇ ସଂରକ୍ଷିତ ଜଙ୍ଗଲକୁ ଘଟଗାଁ ରେଞ୍ଜରୁ ଚାଲି ଆସିଥିବା ଏକ ହାତୀପଲ ଏଠାରେ ଉପଦ୍ରବ ଚଳାଇଛନ୍ତି। ହାତୀପଲରେ ୮ଟି ହାତୀ ରହିଛନ୍ତି। ଗୁରୁବାର ବିଳମ୍ବିତ ରାତିରେ ଏହି ହାତୀପଲ ପାଟଣା ବ୍ଲକ ଡୁମୁରିଆ ପଞ୍ଚାୟତ ବଣମହୁଲଡ଼ିହା ଗ୍ରାମରେ ବହୁ ପନିପରିବା ଫସଲ ଖାଇ ନଷ୍ଟ କରିଛନ୍ତି। ଗ୍ରାମର ପରୀକ୍ଷିତ ମହାନ୍ତ, ନବକିଶୋର ମହାନ୍ତ ଓ ଦୁର୍ଗାଚରଣ ମହାନ୍ତଙ୍କ ପରିବା ବଗିଚା ସମ୍ପୂର୍ଣ୍ଣ ଉଜୁଡି ଯାଇଛି। ଏହି ହାତୀପଲ ବର୍ତ୍ତମାନ ଗାଁ ନିକଟ ଅଟେଇ ସଂରକ୍ଷିତ ଜଙ୍ଗଲରେ ରହୁଥିବାରୁ ସ୍ଥାନୀୟ ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ବନ ବିଭାଗ ହାତୀପଲ ଘଉଡାଇବା ସହ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଯୋଗାଇ ଦେବାକୁ ଡୁମୁରିଆ ସରପଞ୍ଚ ଦମୟନ୍ତୀ ନାଏକ ଦାବି କରିଛନ୍ତି।

### ଆନ୍ତଃ ରାଜ୍ୟ ଫୁଟବଲ ଟୁର୍ନାମେଣ୍ଟ

## ଫାଇନାଲରେ ଜଗା ୟୁନାଇଟେଡ୍ ଓ ଧାନବାଦ ଝାଡ଼ଖଣ୍ଡ


ଖେଳାଳିଙ୍କ ସହିତ ମ୍ୟାଚ ରେଫରୀ ଓ ଅନ୍ୟମାନେ।

**ଆନନ୍ଦପୁର,୨୭।୧୨(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ ତରତରା ଖେଳପଡିଆଠାରେ ଆୟୋଜିତ ୨୧ତମ ଆନ୍ତଃରାଜ୍ୟ ଫୁଟବଲ ଟୁର୍ନାମେଣ୍ଟରେ ଜଗା ୟୁନାଇଟେଡ୍, ଭୁବନେଶ୍ୱର ଏବଂ ଧାନବାଦ ଫୁଟବଲ ଏକାଡେମୀ ଝାଡଖଣ୍ଡ ଫାଇନାଲ୍‌କୁ ପ୍ରବେଶ କରିଛନ୍ତି। ଶୁକ୍ରବାର ଗୁରୁତ୍ୱପୂର୍ଣ୍ଣ ଦ୍ୱିତୀୟ ସେମିଫାଇନାଲ୍‌ରେ ଧାନବାଦ ଝାଡଖଣ୍ଡ ସହିତ ସୋଦେପୁର କଲିକତା ମଧ୍ୟରେ ଚିତ୍ତାକର୍ଷକ ଖେଳ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଫଳରେ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଧାନବାଦ୍ ଝାଡଖଣ୍ଡ ଦଳ ୪-୩ ଗୋଲରେ ମ୍ୟାଚ ବିଜୟୀ ହୋଇ ଫାଇନାଲକୁ ପ୍ରବେଶ କରିଥିଲା। ପ୍ରଥମ ସେମିଫାଇନାଲରେ ଜଗା ୟୁନାଇଟେଡ ଭୁବନେଶ୍ୱର ଚିତ୍ତାକର୍ଷକ ଖେଳ ପ୍ରଦର୍ଶନ କରି ଫାଇନାଲକୁ ପ୍ରବେଶ କରିଛି। ଆସନ୍ତା ରବିବାର ଫାଇନାଲ ମ୍ୟାଚ ହେବ । ଅବିନାଶ ପଟ୍ଟନାୟକ, ଦିଗ୍‌ବିଜୟ ଦାସ, ରତ୍ନାକର ବାରିକ, ଶିବ ପ୍ରସାଦ ଦାସ ପ୍ରମୁଖ ରେଫରି ଖେଳକୁ ପରିଚାଳନା କରିଥିଲେ। ଟୁର୍ନାମେଣ୍ଟର ସଭାପତି ଜିତେନ୍ଦ୍ର ସାମଲ, ସମ୍ପାଦକ ସୁବ୍ରତ ସାମଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କ୍ଲବର ସଦସ୍ୟ ସୁଶାନ୍ତ ସାମଲ, ସୁରେଶ ଧଳ, ମନ୍ଦର ଜେନା, ବସନ୍ତ ଜେନା, ଜଗା ବେହେରା, ସୁରେନ୍ଦ୍ର ନାଇକ, ବାବୁ ନାଇକ, ବିଟାଲି ବାରିକ, ସନ୍ତୋଷ ଧଳ, ଅରବିନ୍ଦ ସାମଲ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

## ବାଇକ୍- ପିକ୍‌ଅପ ଭ୍ୟାନ ଧକ୍କା: ୨ ଗୁରୁତର

**ପାଟଣା,୨୭।୧୨(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ତୁରୁମୁଙ୍ଗା ଚମ୍ପୁଆ ରାସ୍ତାର ନେଉଳିଯୋଡି ପୋଲ ଉପରେ ଶୁକ୍ରବାର ଅପରାହ୍ନରେ ଏକ ବାଇକକୁ ପିକ୍‌ଅପ ଭ୍ୟାନ ଧକ୍କା ଦେବା ଫଳରେ ବାଇକରେ ଥିବା ଦୁଇ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ପିଛୁଳାବେଡା ଗ୍ରାମ ଡ଼ିପା ସାହିର ବୁଧୁ ମହାନ୍ତ ଓ କାଉଁରିକଳା ଗ୍ରାମର ଯୋଗେଶ୍ୱର ମହାନ୍ତ। ଉଭୟ ବାଇକ ଯୋଗେ ତୁରୁମୁଙ୍ଗା ହାଟକୁ ପରିବା ବିକ୍ରି କରିବା ସକାଶେ ଯାଉଥିବା ବେଳେ ବିପରୀତ ପାର୍ଶ୍ୱରୁ ଆସୁଥିବା ଏକ ଖଲି ଚଉପତି ବୋଝେଇ ପିକ୍‌ଅପ ଭ୍ୟାନ ମୁହାଁମୁହିଁ ଧକ୍କା ଦେଇଥିଲା। ଆହତ ବାଇକ ଆରୋହୀଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ମା' ତାରିଣୀ ୱାକର୍ସ କ୍ଲବର ବାର୍ଷିକ ଉତ୍ସବ


ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି।

**କେନ୍ଦୁଝର, ୨୭।୧୨(ଡି.ଏନ.ଏ.)**

କେନ୍ଦୁଝର ସଦର ମହକୁମାଠାରେ ଥିବା ମା' ତାରିଣୀ ୱାକର୍ସ କ୍ଲବର ଅଷ୍ଟମ ବାର୍ଷିକ ଉତ୍ସବ ସ୍ଥାନୀୟ ତୈଳିକ ବୈଶ୍ୟ ସମାଜ ସଭାଗୃହଠାରେ ଶୁକ୍ରବାର ପାଳିତ ହୋଇଯାଇଛି। କ୍ଲବର ସଭାପତି ତଥା ଅବସରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ପି.ସି. ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ୱାକର୍ସ ଇଣ୍ଟରନ୍ୟାସନାଲ-୧୦୪ ର ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର କେଶବ ଚନ୍ଦ୍ର ଦାସ ମୁଖ୍ୟ ଅତିଥି , ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡିଶା ଭାଷା ଓ ସାହିତ୍ୟ ବିଭାଗର ପ୍ରାଧ୍ୟାପକ ଡ଼ଃ ସୁଧା ଦାସ ମୁଖ୍ୟବକ୍ତା ଏବଂ ଅବସରପ୍ରାପ୍ତ ଭୂତତ୍ତ୍ୱ ପ୍ରାଧ୍ୟାପକ ଡ଼ଃ ବନବିହାରୀ ମିଶ୍ର ସମ୍ମାନନୀୟ ଅତିଥିଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ କ୍ଲବର ଉପସଭାପତି ତଥା ପୂର୍ବତନ ବିଧାୟକ କାହ୍ନୁଚରଣ ନାୟକ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କ୍ଲବ ଦ୍ୱାରା ପ୍ରକାଶିତ ସକାଳସାଥିର ସମ୍ପାଦକ ଧନଞ୍ଜୟ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଉଲ୍ଲେଖନୀୟ ସେବା ପାଇଁ କୁମୁଦିନୀ ଦେହୁରୀ,ଶ୍ରେଷ୍ଠ କର୍ମଠ ସଦସ୍ୟ ଭାବେ ପାରେଶ୍ୱର ଜେନା, ଶରତ ଚନ୍ଦ୍ର ରାଉତ ଓ ମାନସୀ ନାୟକଙ୍କୁ ଉତ୍ତରୀୟ, ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ମୁଖପତ୍ର 'ସକାଳ ସାଥି'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପ୍ରାରମ୍ଭରେ ସୁର୍ ନିକେତନର କଳାକାରମାନେ ସୁନୀତା ପଟ୍ଟନାୟକଙ୍କ ସଂଯୋଜନାରେ ଆବାହନୀ ସଂଗୀତ ପରିବେଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ଲବର ଉପସଭାପତି ପ୍ରଶାନ୍ତ ସ୍ୱାଇଁ, ହରିଚନ୍ଦନପୁରଠାରେ ପ୍ରତିଷ୍ଠା ଲାଭ କରିଥିବା ଗୁଡମର୍ଣ୍ଣିଂ ୱାକର୍ସ କ୍ଲବର ସଭାପତି ବସନ୍ତ କୁମାର ପୃଷ୍ଟି ଓ ମାଇନିଂ ରୋଡ ୱାକର୍ସ କ୍ଲବର ସଭାପତି ଡାକ୍ତର ସଞ୍ଜୀବ କୁମାର ଓତା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

LOAN
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ମୁଦ୍ରା ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
ଗୃହ ଋଣ, ପର୍ସନାଲ, ଆଧାରକାର୍ଡ, ମାର୍କଶିଟ୍, ପଶୁପାଳନ, ବ୍ୟବସାୟ, ପ୍ରପର୍ଟି, ଏଗ୍ରିକଲ୍ଚର, ଦୁଇ ଚକିଆ, ଗ୍ରୁପ୍ ଋଣ ସବୁ ପ୍ରକାର ଋଣ
2% ସୁଧ -40% ଛାଡ଼ରେ
ସହଜ କିସ୍ତିରେ ଘରେ ବସି ପାଆନ୍ତୁ
ମହିଳା ତଥା କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ମୁଦ୍ରା ଫାଇନାନ୍ସ
89291-25571
89296-19951
M.P. Nagar, Zone-1, Bhopal, Madhya Pradesh.

ମହେଶ୍ୱରୀ ଫାଇନାନ୍ସ
LOAN IN 7 DAYS
ମହିଳା/ପୁରୁଷ, ଦୋକାନୀ ବ୍ୟବସାୟୀ, ମାର୍କଶିଟ୍, ପ୍ରପର୍ଟି, କମ୍ ସୁଧ ହାରରେ
(2,00,000-10,00,000) ଲକ୍ଷ ଋଣ ଉପଲବ୍ଧ।
Contact 9716825082

FINANCE
ସରକାରୀ ଯୋଜନା ଦ୍ୱାରା All Odisha ଋଣ ନିକର ମାର୍କସିଟ, ଆଧାରକାର୍ଡ, କୃଷି ଋଣ
ମାତ୍ର ୦% ସୁଧ ୫୦% ଛାଡ
(ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ)
Call / SMS Now
Aastha - 9685015052
Rupali - 8963951185
Manisha - 9753016278
Mona - 7509774004
Janvi - 7566888563
Priyanka- 7649016745
Vasundhara Mall, West Boring Canal Rd, Rajapur, Patna, Bihar 800001

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

JAMUNA FINANCE
ବ୍ୟବସାୟ, ପର୍ସନାଲ, ମାର୍କଶିଟ୍, ପଶୁପାଳନ, କୃଷି ପ୍ରପର୍ଟି, ଗୃହ ଋଣ ଓ ଗ୍ରୁପ୍ ଋଣ। ସମସ୍ତ ପ୍ରକାର LOAN ସହଜ କିସ୍ତିରେ ଘରେ ବସି ପାଆନ୍ତୁ। ସୁଧ-2%
M: 7749011485
8117802682
Salt Lake City, Kolkata-700091, Panditagaon, Khalikote, Ganjam

BUSINESS BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ Bansal Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 85,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ + Bike Free
ଆଜି ହିଁ ସଂପର୍କ କରନ୍ତୁ
No. 751/3, Beleghata Main Road Kolkata - 700010, West Bengal, India
09433670261
09433670482

BUSINESS
ଖାଲିଥିବା ଜମି ଓ ଛାତ ଉପରେ Singhania Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂପର୍କ କରନ୍ତୁ
65/1, Ratna Villas Road, Gandhi Bazaar, Basavanagudi, Bengaluru, Karnataka 560004
Call / SMS Now
9453480851

Hindustan Tower ଗ୍ରୁପ୍ (ରେଜି.) କମ୍ପାନୀ ଦ୍ୱାରା ନିଜ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ । ଅଗ୍ରିମ ୨୦,୦୦,୦୦୦, ଭଡ଼ା ୬୦,୦୦୦ + କୋର୍ଟ ଏଗ୍ରୀମେଣ୍ଟ।
Helpline No.
7838639856
8929313996
Address- HNo.631, RANJIT ENCLAVE, VILL-NANGAL KARAR KHAN, JALANDHAR

ASTROLOGY ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ (ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରସ୍କାର
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
8743922900
9899587663

DHARITRI Career appointment Every Wednesday and Saturday

COLOR DISPLAY CLASSIFIED on every Tuesday & Friday

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |

## ସଂକ୍ଷେପରେ

### ବଡ଼ଖଲାଡ଼ିରେ ହାତୀ ଉପଦ୍ରବ

**କପ୍ତିପଦା,୨୭।୧୨(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ ଅଧୀନ ବଡ଼ଖଲାଡ଼ି ପଞ୍ଚାୟତର ବିଭିନ୍ନ ଗ୍ରାମରେ ହତୀ ଉପଦ୍ରବ ଦେଖା ଦେଇଛି। ଶିମିଳିପାଳରୁ ଖସି ଆସିଥିବା ୮ଟି ହାତୀ ଶୁକ୍ରବାର ପଞ୍ଚାୟତର ବିଭିନ୍ନ ଅଞ୍ଚଳରେ ପ୍ରବେଶ କରିଛନ୍ତି। ହାତୀପଲରେ ଗୋଟିଏ ଦନ୍ତା, ୪ଟି ମାଈ ଏବଂ ୩ଟି ଛୁଆ ହାତୀ ରହିଛନ୍ତି। ହାତୀପଲ ଟାଙ୍ଗରାଶୁଣୀ ପୀଠ ସଂଲଗ୍ନ ପଛପଟରେ ଥିବା ନଛିପୁର ସଂରକ୍ଷିତ ଜଙ୍ଗଲରେ ରହିଥିଲେ। ସକାଳୁ ଗ୍ରାମବାସୀମାନେ ଏହା ଦେଖି ବାଣ ଫୁଟାଇବାରୁ ସେମାନେ ଇତଃସ୍ତତ ହୋଇ ନୂଆସାହି ବଜାର ପାଖରେ ପହଞ୍ଚିଥିଲେ। କପ୍ତିପଦା ରେଞ୍ଜର ମହେଶ୍ୱର ସିଂ, ଫରେଷ୍ଟର ଶୋଭାକର ସିଂ ଏବଂ ବନକର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ହାତୀପଲଙ୍କ ଗତିବିଧିକୁ ନିରୀକ୍ଷଣ କରିବା ସହିତ ସେମାନଙ୍କୁ ନଛିପୁର ସଂରକ୍ଷିତ ଜଙ୍ଗଲକୁ ଘଉଡ଼ାଇ ଦେଇଛନ୍ତି।

### 'କ୍ରୀଡ଼ାର ବିକାଶ ଲାଗି ଉଦ୍ୟମ ଲୋଡ଼ା'

**ବାଙ୍ଗିରିପୋଷି,୨୭।୧୨(ଡି.ଏନ୍.ଏ.):** ସ୍ଥାନୀୟ ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟର ତ୍ରିଦିବସୀୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷା ଡ.ପୁଷ୍ପା ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବରେ ମୟୂରଭଞ୍ଜ ଜିଲା କ୍ରୀଡ଼ା ସଂସଦର ସାଧାରଣ ସମ୍ପାଦକ କିଶୋର କୁମାର ବିଶ୍ୱାଳ ଯୋଗଦେଇଥିଲେ। ଜିଲାରେ କ୍ରୀଡ଼ାର ବିକାଶ ଲାଗି ସମସ୍ତଙ୍କର ଉଦ୍ୟମ ଲୋଡ଼ା ବୋଲି କ୍ରୀଡ଼ା ପ୍ରେମୀ ଛାତ୍ରୀଛାତ୍ରମାନଙ୍କୁ ସେ ପରାମର୍ଶ ଦେଇଥିଲେ। କ୍ରୀଡ଼ା ସଂସଦର ମୁଖ୍ୟ ଉପଦେଷ୍ଟା ଅଧାପକ ନିର୍ମଳ ଚନ୍ଦ୍ର ସାହୁ ବାର୍ଷିକ କ୍ରୀଡ଼ାର ସମସ୍ତ ଦାୟିତ୍ୱ ବହନ କରିଥିଲେ। କ୍ରୀଡ଼ା ଶିକ୍ଷକ ଜଗନ୍ନାଥ ମହାନ୍ତ, ଉପଦେଷ୍ଟା ଅଧାପକ ସତ୍ୟବ୍ରତ ବେହେରା ,ମନୋଜ କୁମାର ପ୍ରଧାନ, ଅଧାପିକା ଶୁଚିସ୍ମିତା ସାହୁ, ଡେମନଷ୍ଟ୍ରେଟର ଦେବାଶିଷ ବେହେରା ,ଗ୍ରନ୍ଥାଗାରିକ କରୁଣାକର ବାରିକ ପ୍ରମୁଖ ଉପସ୍ଥିତ ଥିଲେ। କୃତୀ ଖେଳାଳିମାନଙ୍କୁ ମୁଖ୍ୟ ଅତିଥି ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧାପକ, ଅଧାପିକା ଓ କର୍ମଚାରୀଗଣ ପରିଚାଳନାରେ ସହଯୋଗ କରିଥିଲେ। ସହ ଉପଦେଷ୍ଟା ଦେବାଶିଷ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

### ବେଆଇନ ମଦ ଭାଟିରେ ଚଢ଼ାଉ

**ରାଇରଙ୍ଗପୁର,୨୭।୧୨(ଡି.ଏନ୍.ଏ.):** ସହକାରୀ ଜିଲାପାଳ ଧର୍ମେନ୍ଦ୍ର ଶତପଥୀଙ୍କ ସହାୟତାରେ ଶୁକ୍ରବାର ରାଇରଙ୍ଗପୁର ଅବକାରୀ ବିଭାଗ ଏବଂ ପୋଲିସ ମିଳିତ ଭାବେ ବେଆଇନ ମଦ ଭାଟିରେ ଚଢାଉ କରିଛନ୍ତି। ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ପିଠାକୁଟୁଣି ଗ୍ରାମ ନିକଟସ୍ଥ ବିଲ ପାର୍ଶ୍ୱ ଏକ ନାଳ ନିକଟରେ ଏକ ବେଆଇନ ମଦରନ୍ଧା ଭାଟି ଉପରେ ଅଚାନକ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ମଦ ବେପାରୀମାନେ ଘନ କୁହୁଡ଼ି ଯୋଗୁ ଘଟଣାସ୍ଥଳରୁ ଖସି ପଳାଇଥିଲେ। ଅବକାରୀ ବିଭାଗ ଏବଂ ପୋଲିସ ବାହିନୀ ଘଟଣାସ୍ଥଳରୁ ୭୬ ଲିଟର ରନ୍ଧା ଦେଶୀ ମଦ ସହ ୨ ହଜାର ୮୦ କେ.ଜି ପୋଚ ଜବତ କରିଥିଲେ। ଏହି ମାମଲାରେ ଅବକାରୀ ବିଭାଗ ଏକ ମାମଲା (ନଂ.୧୧୧/୧୯) ରୁଜୁ କରିଛି।

### ସ୍ୱତନ୍ତ୍ର ଜାତୀୟ ସେବା ଶିବିର

**କପ୍ତିପଦା,୨୭।୧୨(ଡ଼ି.ଏନ୍.ଏ)** କପ୍ତିପଦା ବ୍ଲକ୍ ଶରତସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ଉଚ୍ଚ ମାଧମିକ ବିଦ୍ୟାଳୟ ଆନୁକୂଲ୍ୟରେ ପୋଷ୍ୟ ଗ୍ରାମ ରାଣୀପୋଖରୀରେ ସ୍ୱତନ୍ତ୍ର ଜାତୀୟ ସେବା ଶିବିର ଉଦ୍‌ଘାଟିତ ହୋଇଯାଇଛି। ସ୍ୱେଚ୍ଛାସେବୀମାନେ ଗ୍ରାମରେ ସ୍ୱଚ୍ଛ ପରିବେଶ ବଜାୟ ରଖିବା ସହିତ ଜଙ୍ଗଲ ସୁରକ୍ଷା, ବର୍ତ୍ତମାନ ଜଳ ସଂକଟର ବିଭୀଷିକାକୁ ମୁକାବିଲା କରିବା ପାଇଁ ଜଳ ସଞ୍ଚୟର ଆବଶ୍ୟକତା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ଏହି ଅବସରରେ ଅନୁଷ୍ଠିତ ସଭାରେ ମହାବିଦ୍ୟାଳୟର ଅଧକ୍ଷ ଭଗବାନ ପଣ୍ଡା ଅଧକ୍ଷତା କରିଥିଲେ। ମୁଖ୍ୟଅତିଥିଭାବେ ଲ୍ୟାମ୍ପର ଏମ୍‌ଡ଼ି ରାମଚନ୍ଦ୍ର ସାହୁ, ମୁଖ୍ୟବକ୍ତାଭାବେ ଶ୍ରମିକ ନେତା ତଥା ସମାଜସେବୀ ବଳରାମ ସାହୁ, ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଅଧାପକ ଅଶୋକ କୁମାର ସାହୁ, ୟୁଥ୍ ରେଡ଼କ୍ରସର ପରାମର୍ଶଦାତା ଅଧାପକ ମନୋରଞ୍ଜନ ବିହାରୀ, ଅଧାପକ ଶୀତକଣ୍ଠ ଦାସ ଯୋଗଦେଇଥିଲେ।

## ବଢୁଛି ଲଘୁ ଖଣିଜ ଚୋରାକାରବାର

# ଏଣିକି କଠୋର ପଦକ୍ଷେପ

**କେନ୍ଦୁଝର, ୨୭।୧୨ (ସ୍ୱ.ପ୍ର./ଡି.ଏନ.ଏ.)**

■ବେପାରୀ ଓ କର୍ମଚାରୀଙ୍କଠାରୁ ଆଦାୟ ହେବ ଚୋରି ସାମଗ୍ରୀର ମୂଲ୍ୟ

କେନ୍ଦୁଝର ଜିଲାରେ ଲଘୁ ଖଣିଜ ଦ୍ରବ୍ୟର ଚୋରା କାରବାର ବୃଦ୍ଧି ଚିନ୍ତା ବଢାଇଛି। ଏଥିଲାଗି ସରକାର ବିପୁଳ ରାଜସ୍ୱ ହରାଉଛନ୍ତି। ଚୋରା ଚାଲାଣ ଧରା ପଡିଲେ କେବଳ ଜରିମାନ ଆଦାୟ କରି ଗାଡି ଛାଡି ଦିଆଯାଉଛି। ଚୋରା ଚାଲାଣ ହେଉଥିବା ପଥର, ବାଲି, ମୋରମ ଆଦିର ମୂଲ୍ୟ ଆଦାୟ କରାଯାଉ ନାହିଁ। ସରକାର ଏଣିକି ଏ ଦିଗରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯାଉଛନ୍ତି ବୋଲି ଶୁକ୍ରବାର କେନ୍ଦୁଝର ଜିଲା ଗସ୍ତରେ ଆସିଥିବା ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି ଗଣମାଧମ ପ୍ରତିନିଧିଙ୍କୁ ସୂଚନା ଦେଇଛନ୍ତି।

ଗସ୍ତ ଅବସରରେ ରାଜସ୍ୱ ମନ୍ତ୍ରୀ ବିଭାଗୀୟ ସମୀକ୍ଷା ବୈଠକରେ ଯୋଗ ଦେଇ ଲଘୁ ଖଣିଜ ପଥର ଚୋରାକାରବାର ସମ୍ପର୍କରେ ଆଲୋଚନା କରି ଏ ଦିଗରେ କଡା ପଦକ୍ଷେପ ନେବା ସକାଶେ ପ୍ରଶାସନକୁ କହିଥିଲେ। ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ଲଘୁ ଖଣିଜ ସଂପଦ ଚୋରି ରୋକିବାକୁ ଖୁବଶୀଘ୍ର ଲଘୁ ଖଣିଜ ନିର୍ଦ୍ଦେଶାଳୟ କାର୍ଯ୍ୟକ୍ଷମ ହେବ । ଏନ୍‌ଫୋର୍ସମେଣ୍ଟ ସ୍କ୍ୱାର୍ଡ ସମେତ ଧରପଗଡ କାର୍ଯ୍ୟର ନିୟମିତ ସମୀକ୍ଷା କରାଯିବ। ଯେଉଁ ଅଞ୍ଚଳରେ ଚୋରି ହେଉଥିବା ସୂଚନା ମିଳିବ , ସେଠାକୁ ତୁରନ୍ତ ସ୍କ୍ୱାର୍ଡ ଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ବେଆଇନ ଭାବେ ଚାଲିଥିବା କ୍ୱାରି ଉପରେ କାର୍ଯ୍ୟାନୁଷ୍ଠାନ ନ ନେଲେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଏବଂ ବେପାରୀଙ୍କ ବିରୋଧରେ ଦୃଢ ପଦକ୍ଷେପ ନିଆଯିବ । ଏପରି କି ଚୋରି ଲଘୁ ଖଣିଜ ସମ୍ପଦର ଆକଳନ କରାଯାଇ ସେମାନଙ୍କଠାରୁ ଅର୍ଥ ଆଦାୟ କରାଯିବ । କୌଣସି ସ୍ଥାନରୁ ଲଘୁ ଖଣିଜ ଦ୍ରବ୍ୟ ଚୋରି ହେଲେ ସେଥିପାଇଁ ଉଭୟ ବେପାରୀ ଓ ରାଜସ୍ୱ ବିଭାଗ କର୍ମଚାରୀ ଦାୟୀ ରହିବେ । ଜିଲାରେ ସଇରାତ ଘୋଷଣା ହେଉ ନ ଥିବାରୁ ବହୁ ପରିମାଣରେ ଲଘୁ ଖଣିଜ ସମ୍ପଦ ଚୋରି ହେଉଛି। ଏଥିଲାଗି ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ କହିଥିଲେ।

ଉଲ୍ଲେଖନୀୟ ଯେ, କେନ୍ଦୁଝର ଜିଲାରେ ଶହ ଶହ ବେଆଇନ ଚୋରା ବାଲି, ପଥର, ମୋରମ ଖଣି ରହିଛି । ଏଥିଲାଗି ଜଙ୍ଗଲ ଓ ପରିବେଶ ନଷ୍ଟ ହେଉଛି । ସଦର କେନ୍ଦୁଝର ସମେତ ବାଂଶପାଳ, ଘଟଗାଁ, ପାଟଣା, ଝୁମ୍ପୁରା, ଚମ୍ପୁଆ, ତେଲକୋଇ, ଯୋଡା ଆଦି ତହସିଲ ଅଞ୍ଚଳରେ ଏହି ଚୋରାକାରବାର ବେଧଡକ ଭାବେ ଚାଲିଛି । ଘଟଗାଁ ତହସିଲରେ ବେଆଇନ କ୍ରସର ଚଳାଇଥିବା ଜଣେ କ୍ରସର ମାଲିକଙ୍କ ଉପରେ ପ୍ରାୟ ୨ କୋଟି ଟଙ୍କା ଜରିମାନା କରାଯାଇଥିଲେ ବି ଆଦାୟ କରାଯାଇପାରୁ ନାହିଁ । ପୂର୍ବରୁ ଜିଲାରେ ଚାଲିଥିବା ଲୁହାପଥର ଚୋରା କାରବାର ବନ୍ଦ ହେବା ପରେ ଏବେ କ୍ରସର ମାଲିକମାନେ ଏହି ବ୍ୟବସାୟକୁ ବଢାଇ ଚାଲିଛନ୍ତି।

## ରାଜସ୍ୱ ମନ୍ତ୍ରୀଙ୍କ କେନ୍ଦୁଝର ଜିଲା ଗସ୍ତ

# 'ତୃଣମୂଳ ସ୍ତରରେ ସେବା ପହଞ୍ଚାଅ'



ରାଜସ୍ୱ ବିଭାଗ ସମୀକ୍ଷା ବୈଠକରେ ମନ୍ତ୍ରୀ, ବିଧାୟକ, ଏମ୍‌ପି ଓ ଅଧିକାରୀ ଗଣ।

**କେନ୍ଦୁଝର, ୨୭।୧୨ (ସ୍ୱ.ପ୍ର./ଡି.ଏନ.ଏ.)**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାରାଣ୍ଡି ଶୁକ୍ରବାର କେନ୍ଦୁଝର ଜିଲା ଗସ୍ତରେ ଆସି ରାଜସ୍ୱ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ '୫-ଟି', 'ମୋ ସରକାର' ଭଳି କାର୍ଯ୍ୟକ୍ରମ ଉପରେ ଆଲୋକପାତ କରି ବିଭିନ୍ନ ଯୋଜନାର ସୁଫଳ ତୃଣମୂଳ ସ୍ତରରେ ସାଧାରଣ ଲୋକେ ଯେପରି ପାଇପାରିବେ ସେଥିନିମନ୍ତେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରେମାନନ୍ଦ ନାୟକ, ଲୋକ ସଭା ସଦସ୍ୟା ଚନ୍ଦ୍ରାଣୀ ମୁର୍ମୁ, ଘଷିପୁରା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର, ପାଟଣା ବିଧାୟକ ଜଗନ୍ନାଥ ନାଏକ, କେନ୍ଦୁଝର ସଦର ବିଧାୟକ ମୋହନ ଚରଣ ମାଝି, ଜିଲା ପରିଷଦ ଅଧକ୍ଷା କମଳିନୀ ପାତ୍ରଙ୍କ ସମେତ ଡେପୁଟି କଲେକ୍ଟର ସୋନା ଟୁଡୁ ପ୍ରମୁଖ ଉପସ୍ଥିତ ଥିଲେ।

ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଦରବାର ହଲ୍‌ଠାରେ ରାଜସ୍ୱ ବିଭାଗ ସମୀକ୍ଷା ବୈଠକରେ ଅତିରିକ୍ତ ଜିଲାପାଳ ଡ. ଭକ୍ତଚରଣ ପ୍ରଧାନ ସମସ୍ତ ଅତିଥିଙ୍କୁ ସ୍ୱାଗତ କରିବା ସହ ରାଜସ୍ୱ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ସଂକ୍ରାନ୍ତରେ ସୂଚନା ପ୍ରଦାନ କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଥିବା 'ଆମ ତହସିଲ ଆମ ଗାଁ ରେ', 'ବସୁନ୍ଧରା', 'ଜାଗା ମିଶନ୍', 'ଜଙ୍ଗଲ ଅଧିକାର ଆଇନ' ଭଳି କାର୍ଯ୍ୟକ୍ରମରେ ଉପକୃତ ହୋଇଥିବା ହିତାଧିକାରୀଙ୍କ ସମ୍ପର୍କରେ ମଧ ସେ ସୂଚନା ପ୍ରଦାନ କରିଥିଲେ। ଏହାସହ ଜିଲାର ବିଭିନ୍ନ ସହରାଞ୍ଚଳରେ ସରକାରୀ ଜମି ଜବରଦଖଲ ସଂକ୍ରାନ୍ତରେ ବୈଠକରେ ଆଲୋଚନା ହୋଇଥିଲା। ସମସ୍ତ ତହସିଲ ଅଞ୍ଚଳରେ କେତେ ସରକାରୀ ଜମି ଜବରଦଖଲ ହୋଇଛି ତାହା ଅଟକଳ କରିବା ସହ ବାଲି, ପଥର ଚୋରି ରୋକିବା ନେଇ ଆଲୋଚନା ହୋଇଥିଲା। ସେହିପରି ପଞ୍ଜୀକରଣ, ଷ୍ଟାମ୍ପ ଡ୍ୟୁଟି, ଓଆର୍‌ଟିପିଏସ୍, ଓଏଲ୍‌ଆର୍, ସରକାରୀ ଜମିର ସୁରକ୍ଷା, ଗୋଷ୍ଠୀ ଅଧିକାର, ପଟ୍ଟା ବଣ୍ଟନ, ଗୋଷ୍ଠୀ ଜଙ୍ଗଲ ଅଧିକାର ସଂକ୍ରାନ୍ତରେ ରାଜସ୍ୱ ମନ୍ତ୍ରୀଙ୍କ ସମ୍ମୁଖରେ ତଥ୍ୟ ଉପସ୍ଥାପନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲାର ସମସ୍ତ ଉପଜିଲାପାଳ, ତହସିଲଦାର ଏବଂ ଅନ୍ୟାନ୍ୟ ଅଧିକାରୀ ବୈଠକରେ ଉପସ୍ଥିତ ଥିଲେ।

# ନିଶା ବେପାରୀଙ୍କ କବଳରେ ଯୋଡ଼ା ଉପତ୍ୟକା

**ଯୋଡ଼ା, ୨୭।୧୨(ଡି.ଏନ.ଏ.)**



ନିଶା ଟାବଲେଟ୍।

କେନ୍ଦୁଝର ଜିଲା ଯୋଡା ଉପତ୍ୟକାରେ କୋରେକ୍ସ ସିରପ, ଏନ-୧୦ ଏବଂ ସ୍ପାଜମୋ ଟାବଲେଟ୍ ଭଳି ମାରାତ୍ମକ ନିଶା ଔଷଧ କାରବାର ଦିନକୁ ଦିନ ବ୍ୟାପିବାରେ ଲାଗିଛି। ଏହାକୁ ଖାଇଲେ ଅଧିକ ନିଶା ହେଉଥିବାରୁ ଅନେକ ଯୁବଗୋଷ୍ଠୀ ପାଇଁ ଏହା ପ୍ରଥମ ପସନ୍ଦ ପାଲଟିଛି। ବିଭିନ୍ନ ବସ୍ତି ଅଞ୍ଚଳ ସମେତ ହଟିଂ ଆଦି ବଜାର ଓ ଯୋଡା ବ୍ଲକ ଅଞ୍ଚଳର କୁରୁଡି, ଜରିବାହାଲ, ବାମେବାରୀ, ବିଲେଇପଦା, ବିଛାକୁଣ୍ଡି ପ୍ରଭୃତି କେତେକ ସ୍ଥାନରେ ଏହି ନିଶା ଔଷଧ କମ୍ ମୂଲ୍ୟରେ, ସୁବିଧାରେ ଉପଲବ୍ଧ ହେଉଛି। ସେହିପରି କିଶୋର ବୟସର ପିଲାମାନେ ଡେଣ୍ଡରାଇଟ୍ ଅଠା ଓ ଅନ୍ୟାନ୍ୟ ମାରାତ୍ମକ ନିଶା ମଧ ବ୍ୟବହାର କରୁଛନ୍ତି। ପୋଲିସ ପ୍ରଶାସନ ଏବଂ ଡ୍ରଗସ୍ ବିଭାଗ ଏହାକୁ ରୋକିବାରେ ଅସମର୍ଥ ହେଉଥିବାରୁ ସମଗ୍ର ଖଣି ଉପତ୍ୟକା ଏବେ ନିଶା ବେପାରୀଙ୍କ ଦ୍ୱାରା କବଳିତ ହୋଇପଡିଛି। ଏଥିଲାଗି ବିଭିନ୍ନ ଅସାମାଜିକ କାର୍ଯ୍ୟକଳାପ ମଧ ବୃଦ୍ଧି ପାଇ ଚାଲିଛି।

ଏକ ନିର୍ଭରଯୋଗ୍ୟ ସୂତ୍ରରୁ ପ୍ରକାଶ ଯେ, ନିଶା ଔଷଧ କୋରେକ୍ସ ବୋତଲ ପିଛା ୧୫୦ ଟଙ୍କା, ଏନ-୧୦ ନାମକ ଟାବଲେଟ୍ ଷ୍ଟ୍ରିପ୍ ପିଛା ୧୦୦ଟଙ୍କା, ସ୍ପାଜମୋ ଟାବଲେଟ୍ ଷ୍ଟ୍ରିପ ପିଛା ୧୦୦ ଟଙ୍କାରେ ବିକ୍ରି ହେଉଛି। ଔଷଧ ଦୋକାନରେ କେହି ଡାକ୍ତରୀ ଚିଠା ଦେଖାଇଲେ ଏହି ଔଷଧ ମିଳିଥାଏ ବୋଲି ଯୋଡାର ଜଣେ ଔଷଧ ଦୋକାନୀ କହିଛନ୍ତି। ତେବେ ଏସବୁ ଔଷଧର ମୂଲ୍ୟ କମ୍ ରହୁଥିବାରୁ କଳାବଜାର କରୁଥିବା ନିଶା ଔଷଧ ବେପାରୀମାନେ ଏହାକୁ ବାହାର ଅଞ୍ଚଳରୁ ଆଣି ଏଠାରେ ଚଢା ଦରରେ ବିକ୍ରି କରୁଛନ୍ତି। ଏଭଳି ନିଶା ଔଷଧ କାରବାର ସମ୍ପର୍କରେ ଯୋଡା ବିଜେଡି ଯୁବ ସଭାପତି ମାନସ ଦାସ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଡ୍ରଗସ କଣ୍ଟ୍ରୋଲ ବିଭାଗ ଓ ସ୍ଥାନୀୟ ପୋଲିସ ଦୃଷ୍ଟି ଦେଉ ନ ଥିବାରୁ ଯୋଡା ଅଞ୍ଚଳରେ ନିଶା ଔଷଧ କାରବାର ଏକ ବିପଜ୍ଜନକ ସମସ୍ୟା ହୋଇ ଦେଖାଦେଇଛି। । ସ୍ଥାନୀୟ ବୁଦ୍ଧିଜୀବୀ ଏନେଇ ପୋଲିସକୁ ଗୁପ୍ତ ସୂଚନା ଦେଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ସେ କହିଛନ୍ତି । ସ୍ଥାନୀୟ ବରିଷ୍ଠ ଶିକ୍ଷକ ସୋମନାଥ ମହାନ୍ତି କହିଛନ୍ତି, ଯୋଡା ଅଞ୍ଚଳରେ ନିଶାସକ୍ତ ଯୁବକମାନଙ୍କର ପାଦୁର୍ଭାବ ବଢିଯାଉଛି । ରାତି ସମୟରେ କେତେକ ଶିକ୍ଷାନୁଷ୍ଠାନ ହତା ଭିତରେ ନିଶାଡିମାନଙ୍କର ଆଡ୍ଡା ଜମୁଛି । ପୋଲିସ ଏହାକୁ ନିୟନ୍ତ୍ରଣ କରିବାରେ ବିଫଳ ହେବା ଉଦ୍‌ବେଗର କାରଣ ହୋଇଛି।

## ଉନ୍ନୟନ କାର୍ଯ୍ୟ ଉପରେ ଗୁରୁତ୍ୱ

**ଖୁଣ୍ଟା,୨୭।୧୨(ଡି.ଏନ୍.ଏ.)**

ଖୁଣ୍ଟା ପଞ୍ଚାୟତ ସମିତିର ଅଷ୍ଟମ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉନ୍ନୟନ ମୂଳକ ଯୋଜନାର ଅଗ୍ରଗତି ଉପରେ ଆଲୋଚନା ହୋଇଥିଲା । ବ୍ଲକ ଅଧକ୍ଷା ପୁଷ୍ପଲତା ମାର୍ଣ୍ଡିଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ମୟୂରଭଞ୍ଜ ଜିଲା ପରିଷଦ ଅଧକ୍ଷ ସୁଜାତା ମାର୍ଣ୍ଡି ,ବ୍ଲକ ଉପାଧକ୍ଷ ସିଦ୍ଧନାଥ ସୋରେନ ,ବିଡ଼ିଓ ଦେବଦତ୍ତ ପଣ୍ଡା ,ଏବିଡ଼ିଓ ବସନ୍ତ କୁମାର ପୃଷ୍ଟି ଓ ସହକାରୀ ଯନ୍ତ୍ରୀ ଅକ୍ଷୟ ବେହେରାଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟ ଓ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଅଧିକାରୀମାନେ ଉପସ୍ଥିତ ଥିଲେ। ଜିପିଓ ପ୍ରମୋଦ କୁମାର ନାୟକ ପୂର୍ବ ବୈଠକ ବିବରଣୀ ପାଠ କରିଥିଲେ। ବିଶେଷ କରି କୃଷି, ଉଦ୍ୟାନ ଜଳ ସେଚନ ,ସ୍ୱାସ୍ଥ୍ୟ, ଶିକ୍ଷା, ଅଙ୍ଗନୱାଡ଼ି ସେବା ଓ ବିଦ୍ୟୁତ ବିଭାଗ ସମ୍ପର୍କରେ ପ୍ରଶ୍ନ ଉଠିଥିଲା। ଖରିଫ ଋତୁରେ ବର୍ଷାର ଅନିୟମିତତା ହେତୁ ଧାନ ଫସଲ ବ୍ୟାପକ କ୍ଷୟକ୍ଷତି ହୋଇଥିବା ବେଳେ ସରକାରଙ୍କ ପକ୍ଷରୁ କ୍ଷତିପୂରଣ ବାବଦରେ କି ବ୍ୟବସ୍ଥା ରହିଛି ବୋଲି ପ୍ରଶ୍ନ ପଚରା ଯାଇଥିଲା। ସେହିପରି ଉଦ୍ୟାନ ବିଭାଗ ପକ୍ଷରୁ ଏହି ବ୍ଲକର ବିଭିନ୍ନ ସ୍ଥାନରେ କରାଯାଇଥିବା କାଜୁ ପ୍ଲାଣ୍ଟେସନ ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହେବାକୁ ଯାଉଛି ବୋଲି ଅଭିଯୋଗ କରାଯାଇଥିଲା। ସିଡିପିଓ ହରପ୍ରିୟା ପାତ୍ର ଅଙ୍ଗନୱାଡି ସେବା ସମ୍ପର୍କରେ ସୂଚନା ଦେଇଥିଲେ। ବୈଠକରେ ଏମଆଇ ଓ ଲିଫ୍ଟ ଇରିଗେସନ ବିଭାଗର କେହି ପ୍ରତିନିଧି ଉପସ୍ଥିତ ନ ଥିବାରୁ ସେମାନଙ୍କୁ ନୋଟିସ ଜାରି କରାଯିବା ପାଇଁ ମତ ପ୍ରକାଶ ପାଇଥିଲା।

# ଚାଳ ଘର ଓ ଗଛରେ ଓହଳୁଛି ମୋବାଇଲ



ଖୁଣ୍ଟରେ ଝୁଲୁଛି ମୋବାଇଲ୍।

**ହାଟଡିହୀ,୨୭। ୧୨(ଡ଼ି.ଏନ.ଏ.)**

ପ୍ରଧାନମନ୍ତ୍ରୀଙ୍କ ଡ଼ିଜିଟାଲ ଇଣ୍ଡିଆ ଯୋଜନା କାର୍ଯ୍ୟକାରୀ ହେବା ସତ୍ତ୍ୱେ ଏବେବି କେନ୍ଦୁଝର ଜିଲାର ବଣପାହାଡ ଘେରା ବହୁ ଅଞ୍ଚଳରେ ଟାୱାର ସେବା ନ ଥିବାରୁ ମୋବାଇଲ ଫୋନ କାମକୁ ଆସୁ ନାହିଁ । ସିମ୍ କାର୍ଡ଼ ପଡିଥିଲେ ବି ଟାୱାର ସିଗ୍‌ନାଲ ଆସୁ ନ ଥିବାରୁ ଲୋକେ ମୋବାଇଲ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି।

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକର ଆଦିବାସୀ ବହୁଳ କେ.ବାଲପାଳ ପଞ୍ଚାୟତର ରାଇଘାଟି-୧, ରାଇଘାଟି-୨, ଭଅଁରା, ମଇରା ଆଦି ଗ୍ରାମରେ ମୋବାଇଲ ସେବା ପାଇବା ଲାଗି ଲୋକେ ଗଛ ଡ଼ାଳ ଏବଂ ଚାଳ ଘର ବାଉଁଶରେ ଓହଳାଇ କଥାବାର୍ତ୍ତା କରୁଥିବା ଦେଖିବାକୁ ମିଳୁଛି । ଆଦିବାସୀ କେ.ବାଲିପାଳ ପଞ୍ଚାୟତ କାର୍ଯ୍ୟାଳୟରେ ଇଣ୍ଟରନେଟ୍ ସୁବିଧା ନାହିଁ । ଗ୍ରାମ ଓ ଏହାପାଖରେ ଟାୱାର ନ ଥିବାରୁ ଲୋକେ ଯେଉଁ ଗୋଟିଏ ଗୋଟିଏ ସ୍ଥାନକୁ ଟାୱାର ଆସୁଛି, ସେଠାକୁ ଯାଇ ସେହି ସ୍ଥାନରେ ମୋବାଇଲକୁ ଓହଳାଇ ରଖି କଥା ହେଉଛନ୍ତି। ସେହି ଗାଁର ଲୋକେ ଉଚ୍ଚା ପଥର, ଗଛ କିମ୍ବା ପିଣ୍ଡା ଉପରେ ଠିଆ ହୋଇ ଫୋନ୍‌ରେ କଥାବାର୍ତ୍ତା କରୁଛନ୍ତି। ଡ଼ିଜିଟାଲ ଇଣ୍ଡିଆ ଯୋଜନା ଏଠାକାର ଆଦିବାସୀ ଅଞ୍ଚଳ ଲାଗି ବର୍ତ୍ତମାନ ସୁଦ୍ଧା ସ୍ୱପ୍ନ ହୋଇ ରହିଛି ।

# ଶିଶୁ ମେଳା: କପ୍ତିପଦା ଛାତ୍ରୀଛାତ୍ରଙ୍କ ସଫଳତା

**କପ୍ତିପଦା,୨୭।୧୨(ଡ଼ି.ଏନ୍.ଏ)**

ଓଡ଼ିଶା ମାଧ୍ୟମିକ ସ୍କୁଲ୍ ଶିକ୍ଷକ ସଂଘ (ଓଷ୍ଟା) ଦ୍ୱାରା ପରିଚାଳିତ ୩୮ତମ ଜିଲାସ୍ତରୀୟ ଶିଶୁ ମେଳାରେ କପ୍ତିପଦା ବ୍ଲକ୍‌ର ଛାତ୍ରୀଛାତ୍ରମାନେ ଭାଗ ନେଇ ସଫଳତା ଅର୍ଜନ କରିଛନ୍ତି। ସରକାରୀ ଉଚ୍ଚ ବିଦ୍ୟାଳୟ, ବାସିପିଠାଠାରେ ଅନୁଷ୍ଠିତ ୨ଦିନିଆ କାର୍ଯ୍ୟକ୍ରମରେ କପ୍ତିପଦା ବ୍ଲକ୍ ପଦ୍ମପୋଖରୀ ଉପେନ୍ଦ୍ରନାଥ ଉଚ୍ଚ ବିଦ୍ୟାଳୟର ଟୁନା ମୁର୍ମୁ ଚିତ୍ରାଙ୍କନରେ ପ୍ରଥମ ଏବଂ ବଡ଼ଖଲାଡ଼ି ଜବାହରଲାଲ ଉଚ୍ଚ ବିଦ୍ୟାଳୟର ବିଜୟଲକ୍ଷ୍ମୀ ରାଉଳ ସହିଦ ସ୍ମୃତି ଭବନଠାରେ ୨୭ ତାରିଖରେ ହେବାକୁ ଥିବା ରାଜ୍ୟସ୍ତରୀୟ ଶିଶୁ ଉତ୍ସବରେ ଅଂଶଗ୍ରହଣ କରିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଗାଇଡ୍ ଶିକ୍ଷକଭାବେ କପ୍ତିପଦା ଓଷ୍ଟାର ଯୁଗ୍ମ ସମ୍ପାଦକ ଦିଲ୍ଲୀପ କୁମାର ଚକ୍ରବର୍ତ୍ତୀ ଏବଂ ପ୍ରଜ୍ଞା ପରମିତା ମହାଳିକଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନେ ଏହି ଶିଶୁ ମେଳାରେ ଭାଗ ନେଇଥିଲେ।

## ମଦଭାଟି ପୋଡ଼ାଜଳା ମାମଲା

# ପୂର୍ବତନ ସରପଞ୍ଚ ଗିରଫ

**ଘସିପୁରା ୨୭।୧୨ (ଡି.ଏନ.ଏ.)**

କେନ୍ଦୁଝର ଜିଲା ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ଖଲଣା ସରକାରୀ ଦେଶୀ ମଦଭାଟିରେ ଗତ ୨୦୧୩ ନଭେମ୍ବର ୧୪ ତାରିଖରେ ମଦବିରୋଧି ଆନ୍ଦୋଳନକାରୀ ପୋଡ଼ାଜଳା କରିଥିଲେ। ସେଠାରେ ପୋଲିସ ଉପରେ ଆକ୍ରମଣ ହୋଇଥିଲା। ଏହି ମାମଲାରେ ଘସିପୁରା ବ୍ଲକ ଅଧକ୍ଷା ସୁଜାତା ସାହୁଙ୍କ ସ୍ୱାମୀ ତଥା ପୂର୍ବତନ ସରପଞ୍ଚ ମଦନ ମୋହନ ସାହୁ ଶୁକ୍ରବାର ରାମଚନ୍ଦ୍ରପୁର ପୋଲିସ ଗିରଫ କରିଛି।

ସନ୍ଧ୍ୟା ପ୍ରାୟ ୭ଟା ବେଳେ ପଦନା ଗାଁରେ ପୋଲିସ ଚଢାଉ କରି ତାଙ୍କୁ ଗିରଫ କରିଥିବା ସୂଚନା ଦେଇଛି। ଏହି ଘଟଣାରେ ପୋଲିସ ପୂର୍ବରୁ ଭାରତୀୟ ଦଣ୍ଡବିଧି ଆଇନି ର ଦଫା ୧୪୭,୧୪୮, ୩୮୦,୩୨୩,୧୮୬,୪୨୭,୪୩୬,୧୪୯ ରେ ମାମଲା(ନଂ ୬୨୦/୨୦୧୩) ରୁଜୁ କରିଥିଲା। ଗିରଫ ପରେ ପୂର୍ବତନ ସରପଞ୍ଚ ମଦନ ମୋହନଙ୍କୁ ପୋଲିସ ଅନ୍ୟ ଏକ ଥାନାକୁ ନେଇ ଅଧିକ ପଚରାଉଚୁରା ଚଳାଇଥିବା କହିଛି। ଏହି ଗିରଫଦାରୀ ପରେ ମଦନମୋହନଙ୍କ ନିଜ ଗାଁ ବଡ଼ପଦନାରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ରାମଚନ୍ଦ୍ରପୁର ଥାନାରେ ଫୋର୍ସ ମୁତୟନ କରାଯାଇଥିବା ଜଣାଯାଇଛି।

# ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ସ୍ତରୀୟ କମିଟି ବୈଠକ

**କେନ୍ଦୁଝର, ୨୭।୧୨ (ସ୍ୱ.ପ୍ର./ଡି.ଏନ.ଏ.)**



ପିଏଲସି ବୈଠକରେ ଯୋଗଦେଇଥିବା ଅଧିକାରୀଗଣ।

କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଦରବାର ହଲ୍‌ଠାରେ ଶୁକ୍ରବାର ପୂର୍ବାହ୍ନରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ସ୍ତରୀୟ କମିଟି (ପି.ଏଲ.ସି.)ବୈଠକ ଅନୁଷ୍ଠିତ ହୋଇଥିଲା । ଜିଲା ଅଧୀନରେ ଥିବା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, କେନ୍ଦୁଝର ଓ ଚମ୍ପୁଆର ବିଭିନ୍ନ ପ୍ରକଳ୍ପ ସଂକ୍ରାନ୍ତରେ ବୈଠକରେ ଆଲୋଚନା କରାଯାଇଥିଲା। ସ୍ୱତନ୍ତ୍ର କେନ୍ଦ୍ରୀୟ ସହାୟତା ଯୋଜନାରେ ଆୟ ବୃଦ୍ଧି ଯୋଜନା, ନିର୍ଦ୍ଦିଷ୍ଟ ଅଞ୍ଚଳର ଉନ୍ନୟନ କାର୍ଯ୍ୟକ୍ରମ, ଅନୁସୂଚିତ ଜନଜାତି ବର୍ଗର ପିଲାଙ୍କୁ ସ୍ୱତନ୍ତ୍ର ତାଲିମ ପ୍ରଦାନ, ଆନୁସଙ୍ଗିକ ଭିତ୍ତିଭୂମିର ବିକାଶ ଯଥା ଗମନାଗମନ ସହିତ ଯୋଗାଯୋଗ, ପୋଲ ନିର୍ମାଣ, ଗାଁ ହାଟ, ବଜାର ଓ ଗୋଦାମ ଗୃହ ନିର୍ମାଣ, କୃଷି ଉପକରଣ, ଉତ୍ପାଦନ କେନ୍ଦ୍ର, ଜଳସେଚନ ସୁବିଧା, ସମ୍ବିଧାନ ଧାରା-୨୭୫(କ)ର ଖର୍ଚ୍ଚ ତାଲିକା ଏବଂ ପ୍ରସ୍ତାବ, ରାଜ୍ୟ ଅନୁଦାନ ପ୍ରାପ୍ତ ଛାତ୍ରାବାସ ଓ ଛାତ୍ରୀନିବାସର ଖର୍ଚ୍ଚ ତାଲିକା ଆଲୋଚନାରେ ସ୍ଥାନ ପାଇଥିଲା। ସେହିପରି ରାଜ୍ୟ ଯୋଜନା ଅନୁଦାନର ଖର୍ଚ୍ଚ ତାଲିକା ମଧ୍ୟରେ ସଂଖ୍ୟା ଲଘୁ ସେଲ୍ ସମ୍ପ୍ରଦାୟଙ୍କ ଉନ୍ନତି, ଅଣ ଯୋଜନା, ଓଡ଼ିଶା ଆଦିବାସୀ ଉନ୍ନୟନ ସମାଜ ଯୋଜନା, ସ୍ୱତନ୍ତ୍ର ଉନ୍ନୟନ ପରିଷଦ, ଓଡ଼ିଶା ଖଣିଜ ଅଞ୍ଚଳ ଉନ୍ନୟନ ନିଗମ, ଫନି ସହାୟତା, କାର୍ଯ୍ୟରତ ଅସ୍ଥାୟୀ କର୍ମଚାରୀଙ୍କ ଦରମା ବୃଦ୍ଧି, ଛାତ୍ରାବାସ, ଛାତ୍ରୀନିବାସ ଓ ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ, ଅସୁରକ୍ଷିତ ବିଦ୍ୟାଳୟ ଓ ଛାତ୍ରାବାସ ଗୃହ ଭାଙ୍ଗିବା ସଂକ୍ରାନ୍ତରେ ଆଲୋଚନା ହୋଇଥିଲା।

ଏହି ଅବସରରେ ବିଭିନ୍ନ ପ୍ରକଳ୍ପରେ ୨୦୧୮-୧୯ ଓ ୨୦୧୯-୨୦ ଆର୍ଥିକ ବର୍ଷରେ ହସ୍ତଗତ ହୋଇଥିବା ଅନୁଦାନ ଓ ଖର୍ଚ୍ଚର ବିବରଣୀ ସହ ବିଭିନ୍ନ ପ୍ରକଳ୍ପର ବଳକା ଅନୁଦାନ, ମୋଟ ଅନୁଦାନ, ଖର୍ଚ୍ଚର ପରିମାଣ ନେଇ ଆଲୋଚନା ହୋଇଥିଲା। ଉପସ୍ଥିତ ସମସ୍ତ ଜନପ୍ରତିନିଧି ଏବଂ ଅଧିକାରୀ ଏଥିରେ ଅଂଶଗ୍ରହଣ କରିଥିଲେ। ବୈଠକରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରେମାନନ୍ଦ ନାୟକ, ଲୋକ ସଭା ସଦସ୍ୟା ଚନ୍ଦ୍ରାଣୀ ମୁର୍ମୁ, ଘଷିପୁରା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର, ପାଟଣା ବିଧାୟକ ଜଗନ୍ନାଥ ନାଏକ, କେନ୍ଦୁଝର ସଦର ବିଧାୟକ ମୋହନ ଚରଣ ମାଝୀ, ଜିଲା ପରିଷଦ ଅଧକ୍ଷା କମଳିନୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଡଃ ଉଦ୍ଧବ ଚରଣ ମାଝୀ ପ୍ରାରମ୍ଭରେ ସମସ୍ତ ଅତିଥିଙ୍କୁ ସ୍ୱାଗତ କରିଥିଲେ। ପରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ନାରାୟଣ ମୁର୍ମୁ ଖର୍ଚ୍ଚ ବିବରଣୀ ପାଠ କରିଥିଲେ।

# ହଦଗଡ଼ ହସ୍ତୀ ଅଭୟାରଣ୍ୟର ସୁରକ୍ଷା ଚିନ୍ତା

**ହାଟଡିହୀ,୨୭।୧୨(ଡ଼ି.ଏନ.ଏ.)**

କେନ୍ଦୁଝର ଜିଲା ଆନନ୍ଦପୁର ବନ୍ୟପ୍ରାଣୀ ବନଖଣ୍ଡ ଅଧୀନ ହଦଗଡ ହସ୍ତୀ ଅଭୟାରଣ୍ୟର ଆୟତନ ୧୦ ହଜାର ୪୨୧ ହେକ୍ଟର । ଏହା ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାର ୨ ଟି ଅଭୟାରଣ୍ୟକୁ ସଂଲଗ୍ନ କରୁଛି। ହଦଗଡ ଅଭୟାରଣ୍ୟ ମଧ୍ୟରେ ପ୍ରବାହିତ ହେଉଛି ସାଳନ୍ଦୀ ନଦୀ । ଏହି ଅଭୟାରଣ୍ୟରେ ରହିଛି ୧୪୦ ପ୍ରକାରର ବୃକ୍ଷଲତା। ଏହା ପରିଧି ମଧ୍ୟରେ ୧୬ ଟି ଗ୍ରାମର ୧୩୬୦ ପରିବାରର ପ୍ରାୟ ୭ ହଜାର ଲୋକ ବସବାସ କରୁଛନ୍ତି। ସେଠାରେ ଜନବସତି ଥିବା ଯୋଗୁଁ କାଠ ଚୋର ଓ ବନ୍ୟପ୍ରାଣୀ ଶିକାରୀମାନେ ସକ୍ରିୟ ରହୁଥିବା କୁହାଯାଉଛି। ଏହି ପରିପ୍ରେକ୍ଷୀରେ ଅଭୟାରଣ୍ୟର ସୁରକ୍ଷା ଲାଗି ସିସି କ୍ୟାମେରା ଲଗାଯାଇ ଧରପଗଡ ଅଭିଯାନକୁ କଡାକଡି କରାଯାଇଛି।

ଜଙ୍ଗଲ ପରିଧିରେ ଜନବସିତି ଥିବା କାରଣରୁ ବିଭିନ୍ନ ସମୟରେ ବନ୍ୟପ୍ରାଣୀ ଗ୍ରାମାଭିମୁଖି ହେଉଛନ୍ତି। ଏଣୁ ଅଭୟାରଣ୍ୟର ସୁରକ୍ଷା ଚିନ୍ତା ବଢିଛି। ଏହା ପରିଧିରେ ଥିବା ଲୋକଙ୍କୁ ଅନ୍ୟତ୍ର ଥଇଥାନ କରାଯିବା ଯୋଜନା ରହିଛି। ସେମାନଙ୍କୁ ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ କରାଯିବ ବୋଲି ଡିଏଫଓ ଅଜିତ ଶତପଥୀ କହିଛନ୍ତି। ଉଲ୍ଲେଖନୀୟ ଯେ, ବନ ବିଭାଗ ପକ୍ଷରୁ ୨୦୧୦-୧୧ ରୁ ୨୦୧୪-୧୫ ପର୍ଯ୍ୟନ୍ତ ୫ ବର୍ଷ ମଧ୍ୟରେ ବିଭାଗପକ୍ଷରୁ ଧରପଗଡ କରାଯାଇ ୨୬୮ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୮୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ଜଙ୍ଗଲଦ୍ରବ୍ୟ ଜବତ କରାଯାଇଛି। ସେହିପରି ୫ ହାତୀ ଶିକାରୀ ଗିରଫ ହୋଇଥିବା ବେଳେ ୧୨ କେଜି ହାତୀଦାନ୍ତ ଜବତ ହୋଇଛି।